## ସଂକ୍ଷେପରେ

### ୧୪ ପର୍ଯ୍ୟନ୍ତ ବର୍ଷା

**ଭୁବନେଶ୍ୱର, ୧୦।୩ (ବ୍ୟୁରୋ):** ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ଏକ ସାଇକ୍ଲୋନିକ୍ ସର୍କୁଲେଶନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହ ବଜ୍ରପାତ ହେବାର ମଧ ଆଶଙ୍କା ରହିଛି। ୧୧ତାରିଖରେ କେନ୍ଦୁଝର, ଅନୁଗୋଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମରେ ସ୍ୱଳ୍ପ ଧରଣର ବର୍ଷା ହେବାକୁ ଥିବାବେଳେ ୧୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, ଅନୁଗୋଳରେ ବର୍ଷା ହେବ। ସେହିପରି ୧୩ରୁ ୧୪ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି।

### ନେଭା ସେଲ୍ ଉଦ୍‌ଘାଟନ କଲେ ବାଚସ୍ପତି

**ଭୁବନେଶ୍ୱର, ୧୦।୩(ବ୍ୟୁରୋ):** ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ବିଧାନସଭାର ଚଳିତ ଷଷ୍ଠ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣ ମଧ ଇ-ମୋଡ୍‌ରେ କାର୍ଯ୍ୟକାରୀ ହୋଇଥିଲା। ତେବେ ବିଧାନସଭାର ନିୟମିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ମଧ ଇ-ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ ବୁଧବାର ନେଭା ସେଲ୍‌କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୦ ଜଣ ବୈଷୟିକ ତାଲିମ ପ୍ରାପ୍ତ କର୍ମଚାରୀ ନିୟୋଜିତ ଅଛନ୍ତି। ସେମାନେ ଇ-ବିଧାନସଭା ଅନ୍ତର୍ଗତ ବିଭିନ୍ନ ଆପ୍‌ର ବିକାଶ କରିବେ ଏବଂ ଜନସାଧାରଣ ବିଧାନସଭାରେ ହେଉଥିବା ବିଭିନ୍ନ ଆଲୋଚନାର ବିବରଣୀ ପାଇପାରିବେ। ବାଚସ୍ପତି ପାତ୍ର ଏହାଦ୍ୱାରା ବିଧାନସଭା ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ଯୋଡ଼ିହୋଇପାରିବ ବୋଲି ଆଶା ପ୍ରକାଶ କରିବା ସହ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଏନ୍‌ଆଇସି କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥୀ, ଏନ୍‌ଆଇସି ପ୍ରାନ୍ତୀୟ ମୁଖ୍ୟ ଏବଂ ବିଧାନସଭା କର୍ମଚାରୀମାନେ ଯୋଗ ଦେଇଛନ୍ତି।

### ଦୈନିକ ଏକଲକ୍ଷ ବୟସ୍କଙ୍କୁ ଟିକା ଦେବା ଲକ୍ଷ୍ୟ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ):** ରାଜ୍ୟରେ ପ୍ରତିଦିନ ୧ଲକ୍ଷ ବୟସ୍କଙ୍କୁ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଲକ୍ଷ୍ୟଧାର୍ଯ୍ୟ କରିଛି। ଏନେଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ କହିଛନ୍ତି ଯେ, ବୟସ୍କଙ୍କ ଟିକାକରଣର ଗତି ତ୍ୱରାନ୍ୱିତ ହେବା ଆବଶ୍ୟକ। ଘରୋଇ ଡାକ୍ତରଖାନାରେ ହୋଇଥିବା କୋଭିଡ୍ ଟିକାକରଣ କେନ୍ଦ୍ରଗୁଡ଼ିକୁ ସକ୍ରିୟ କରିବା ଉପରେ ବିଶେଷ ଧାନ ଦେଇ ଟିକାକରଣର ଗତି ବଢ଼ାଇବ ପାଇଁ କୁହାଯାଇଛି। ଏଥିସହ କେଉଁ ଜିଲା ପାଇଁ କେତେ ଜଣଙ୍କୁ ଟିକା ଦିଆଯିବ ସେଥିଲାଗି ଏକ ତାଲିକା ପ୍ରସ୍ତୁତ ହୋଇଛି। ରାଜ୍ୟରେ ୪୬,୩୨,୩୬୫ ଜଣ ବୟସ୍କଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଦୈନିକ ଏକଲକ୍ଷ ବୟସ୍କଙ୍କୁ ଟିକା ଦେବା ପାଇଁ ବିଭାଗ ପ୍ରସ୍ତୁତ ହେଉଛି। ଗଞ୍ଜାମ ଜିଲାରେ ଦୈନିକ ସର୍ବାଧିକ ୮୪୧୩ଜଣଙ୍କୁ ଟିକା ଦିଆଯିବ। କଟକରେ ୬,୨୫୬, ମୟୂରଭଞ୍ଜରେ ୬,୦୦୭, ଭୁବନେଶ୍ୱର ୩,୦୦୦, ଅନୁଗୋଳ ୩,୦୩୭, ବାଲେଶ୍ୱର ୫,୫୩୨, ବରଗଡ଼ ୩,୫୩୧, ଭଦ୍ରକ ୩,୫୯୧, ବଲାଙ୍ଗୀର ୩,୯୩୧, ବୌଦ୍ଧ ୧,୦୫୨, ଦେବଗଡ଼ ୭୪୫, ଢେଙ୍କାନାଳ ୨,୮୪୨, ଗଜପତି ୧,୩୭୭, ଜଗତସିଂହପୁର ୨,୭୧୦, ଯାଜପୁର ୪,୩୫୬, ଝାରସୁଗୁଡ଼ା ୧,୩୮୦, କଳାହାଣ୍ଡି ୩,୭୫୯, କନ୍ଧମାଳ ୧,୭୪୮, କେନ୍ଦ୍ରାପଡ଼ା ୩,୪୩୪, କେନ୍ଦୁଝର ୪,୨୯୫, ଖୋର୍ଦ୍ଧା ୨,୩୧୩, କୋରାପୁଟ ୩,୨୮୯, ମାଲକାନଗିରି ୧,୪୬୨, ନବରଙ୍ଗପୁର ୨,୯୧୧, ନୟାଗଡ଼ ୨,୨୯୫, ନୂଆପଡ଼ା ୧,୪୫୫, ପୁରୀ ୪,୦୪୯, ରାୟଗଡ଼ା ୨,୩୦୭, ସମ୍ବଲପୁର ୨,୪୮୦, ସୋନପୁର ୧,୪୫୫, ସୁନ୍ଦରଗଡ଼ରେ ୪,୯୦୦ଜଣ ବୟସ୍କଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ଅଦ୍ୟାବଧି ମୋଟ ୧୦,୧୩,୭୭୭ଜଣ ଟିକା ନେଇସାରିଥିବା ବେଳେ ସେଥିମଧ୍ୟରେ ୨,୫୧,୧୨୮ଜଣ ବୟସ୍କ ରହିଛନ୍ତି।

# ଲୋକାୟୁକ୍ତରେ ହାଜର ହେବେ ଯାଜପୁର ଜିଲାପାଳ

**କଳାପଥର ଖାଦାନରେ ପିଲର ପୋତାରେ ଅନିୟମିତତା ମାମଲା**

ଯାଜପୁର ଅଫିସ, ୧୦।୩

ଜନସେବାରେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ଶାସନରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ଲୋକାୟୁକ୍ତ ଆଇନ ପ୍ରଣୟନ ହୋଇଛି। ହେଲେ ଲୋକାୟୁକ୍ତ କେସ୍ ନମ୍ବର ୧୨୪୯/୨୦୨୦ର ସମାଧାନ ପାଇଁ ଯାଜପୁର ଜିଲାପାଳଙ୍କୁ ଜବାବ ଦାଖଲ କରିବାକୁ ନୋଟିସ ହୋଇଥିଲେ ହେଁ ତାହାର ଅନୁପାଳନ ହୋଇନାହିଁ। ତେଣୁ ତାଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଉତ୍ତର ଦାଖଲ କରିବାକୁ ଲୋକାୟୁକ୍ତ ସଭ୍ୟ(ଜୁଡିସିଆଲ) ୮।୩।୨୦୨୧ ଶୁଣାଣିରେ ନିର୍ଦ୍ଦେଶ ଜାରି କରିଛନ୍ତି। ୧୮।୨।୨୦୨୧ ଶୁଣାଣିର ନିର୍ଦ୍ଦେଶ ଅନୁସାରେ ଉତ୍ତର ଦାଖଲ ନ କରିବାର କାରଣ ପୃଥକ୍ ଭାବେ ଦର୍ଶାଇବାକୁ ମଧ କୁହାଯାଇଛି। କଳାପଥର ଚୋରା କାରବାରକୁ ରୋକିବା ପାଇଁ ଖାଦାନ ଚିହ୍ନଟ କରି ପିଲର ପୋତିବା ଓ ପରିବହନ ଖର୍ଚ୍ଚ ବାବଦକୁ ଧର୍ମଶାଳା ତହସିଲ ପକ୍ଷରୁ ୧,୮୦,୧୮୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରେ ଅନିୟମିତତା ହୋଇଥିବା ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ୨।୧୧।୨୦୨୦ରେ ଏକ ମାମଲା ରୁଜୁ କରିଥିଲେ। ଏହିକ୍ରମରେ ଯାଜପୁର ଜିଲାପାଳ, ଉପଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଜବାବ ଦାଖଲ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ।

ଧର୍ମଶାଳା ତହସିଲଦାର ୧୦।୨।୨୦୨୧ରେ ଦାଖଲ କରିଥିବା ଉତ୍ତରରୁ ଜଣାପଡ଼ିଛି ଯେ, ୨୦୧୮ରେ ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସଗୁଡ଼ିକର ଚିହ୍ନଟ କରାଯାଇ ପିଲର ପୋତା ଯାଇଥିଲା। ଜାରକା ଶାନ୍ତିବଜାରର କାଇମା ରୋଡସ୍ଥିତ ଗାୟତ୍ରୀ ମାର୍ବଲ ମାଲିକ ସୁକାନ୍ତ ମହାନ୍ତିଙ୍କୁ ପିଲର ଓ ପରିବହନ ଶୁଳ୍କ ସହିତ ୧ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉତ୍ତରରେ ଆହୁରି ଦର୍ଶାଯାଇଛି ଯେ, ଦାଖଲ ହୋଇଥିବା ଅନୁସନ୍ଧାନରେ ଧର୍ମଶାଳା ତହସିଲ ଅଧୀନ ଅଧିକାଂଶ ସୈରାତ ଉତ୍ସରେ ପିଲର ପୋଷ୍ଟିଂ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ମାର୍ବଲ ମାଲିକ ମହାନ୍ତିଙ୍କୁ ତାଙ୍କ ଉତ୍ତର ରଖିବାକୁ ପରବର୍ତ୍ତୀ ଶୁଣାଣିରେ ରେଜିଷ୍ଟର୍ଡ ପୋଷ୍ଟ ସହ ଏଡି କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟପକ୍ଷରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ ଲୋକାୟୁକ୍ତଙ୍କ କୌଣସି ନୋଟିସ ପାଇନାହାନ୍ତି। ନୋଟିସ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦର ଦର
ଦରଖଣ୍ଡିଆକୁ ଅଧା ଦର।**

ବଜାରରେ ମୂଲ୍ୟ ବେଳେବେଳେ ଏମିତି ଦେଖିବାକୁ ମିଳିଥାଏ। ଯେଉଁ ଜିନିଷପତ୍ର ନିହାତି ଗୌଣ ଭାବେ ପରିଗଣିତ ହୋଇଥାଏ, ସେହି ଦରବର ମୂଲ୍ୟରେ ଅଚାନକ ବୃଦ୍ଧି ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ଭଙ୍ଗା ଦଦରା ଜିନିଷ ଅଧା ଦରରେ ବିକ୍ରି ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଦିନ କୁହୁଡ଼ି କଲା
ପିତାଶୁଖୁଆକୁ ବିରାଡ଼ି ନେଲା ଲୋ
ପୋଇ ଖାଡ଼ି ଝୁରି ମଲା।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହୁଥାଏ। ପିତାଶୁଖୁଆ ସହିତ ପୋଇ ଖାଡ଼ି ମିଶି ରନ୍ଧା ହେଲେ ପାଟିକୁ ଭାରି ସୁଆଦିଆ ଲାଗିଥାଏ। ତେବେ ଗୋଟିକ ବିନା ଆର ଗୋଟିକ ମଜା ଦେବା ପାଇଁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବିହାରରୁ ୨, ଝାଡ଼ଖଣ୍ଡରୁ ୩ ଗିରଫ

ସୁନ୍ଦରଗଡ଼, ୧୦।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ସୁନା ବ୍ୟବସାୟୀ ରୋହିତ ବର୍ମା (୨୬)ଙ୍କୁ ଗୁଳିକରି ହତ୍ୟା ଓ ସୁନାଗହଣା ଥିବା ବ୍ୟାଗ୍ ଲୁଟ୍ ଘଟଣାରେ ବୁଧବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ବିହାର ଓ ୩ଜଣ ଝାଡଖଣ୍ଡର। ଅଭିଯୁକ୍ତମାନଙ୍କୁ ବିହାରର ଗୋପାଳଗଞ୍ଜ କୋର୍ଟକୁ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୩୦୦ଗ୍ରାମର ସୁନା, ୨ଟି ରିଭଲଭର ଓ ନଗଦ ୨.୭ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଡକାୟତି ଘଟଣାରେ



ଜବତ ଟଙ୍କା, ଗୁଳି, ରିଭଲଭର ସହ ବିହାର, ଛତିଶଗଡ଼ ଓ ସୁନ୍ଦରଗଡ଼ ପୋଲିସ ଟିମ୍।

- ବଡ଼ଗାଁ ସୁନା ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା, ଲୁଟ୍ ଘଟଣା
- ୩୦୦ଗ୍ରାମ ସୁନା, ନଗଦ ଟଙ୍କା ଗୁଳି ସହ ୨ରିଭଲଭର ଜବତ

୭ଜଣ ସାମିଲ ଥିବା ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ କହିଛନ୍ତି। ତଦନ୍ତ ଚାଲିଥିବାରୁ ଅଭିଯୁକ୍ତମାନଙ୍କ ନାମ, ଠିକଣା ଗୋପନ ରଖାଯାଇଛି।

ଏସ୍‌ପିଙ୍କ କହିବା ଅନୁଯାୟୀ, ମାର୍ଚ୍ଚ ୧ରେ ବଡ଼ଗାଁ ବଜାରରେ ମା' ମଙ୍ଗଳା ଜୁଏଲେରି ମାଲିକ ରୋହିତ ସକାଳୁ ଦୋକାନ ଖୋଲିବାକୁ ଯାଉଥିବା ସମୟରେ ଏକ ବାଇକ୍‌ରେ ୩ଦୁର୍ବୃତ୍ତ ଆସି ତାଙ୍କ ଉପରକୁ ଗୁଳିକରି ସୁନାଗହଣା ଭର୍ତ୍ତି ବ୍ୟାଗ ଛଡାଇନେଇଥିଲେ। ଲୁଟେରାଙ୍କୁ ଗିରଫ ପାଇଁ ୩ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା। ସୁନ୍ଦରଗଡ଼ ଟାଉନ୍ ଥାନା ଆଇଆଇସି ବୀଭିସ ପ୍ରଧାନ ଓ ବଡ଼ଗାଁ ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ନେତୃତ୍ୱରେ ଗଠିତ ପ୍ରଥମ ସ୍କ୍ୱାଡ୍ ବିହାର ଓ ଝାଡଖଣ୍ଡ ପୋଲିସ ସମନ୍ୱୟରେ ତଦନ୍ତ କରୁଥିବାବେଳେ ବଡ଼ଗାଁ ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରାଙ୍କ ନେତୃତ୍ୱରେ ଲୋକାଲ ଇନ୍‌ଭେଷ୍ଟିଗେଶନ ଟିମ୍ ଏବଂ ଅନ୍ୟ ଏକ ସାଇବର ଟିମ୍ ଗଠନ କରାଯାଇଥିଲା। ବିହାର, ଝାଡଖଣ୍ଡ ଓ ସୁନ୍ଦରଗଡ଼ ପୋଲିସର ମିଳିତ ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି।

# ଚାଲିଛି ପିରାହ୍ନା ମାଛଚାଷ

**ବିପଦରେ ଜାତୀୟ ଉଦ୍ୟାନ ଭିତରକନିକା**

କେନ୍ଦ୍ରାପଡ଼ା ଅଫିସ, ୧୦।୩

ରୁପଚାନ୍ଦି ମାଛ ଖାଇବାକୁ ସୁସ୍ୱାଦୁ। ଏହାର ଶରୀର ମାତ୍ର ଗୋଟିଏ କଣ୍ଟ(ହାଡ)ରେ ରହିଛି। ତେବେ ପିରାହ୍ନା ପ୍ରଜାତିର ଏହି ମାଛଙ୍କ ବାସସ୍ଥଳୀ ଅଞ୍ଚଳର ସମଗ୍ର ଜୈବବିବିଧତାକୁ ନଷ୍ଟ କରି ଦେଇଥାଏ। ଏହି ମାଛଚାଷ ବନ୍ଦ ପାଇଁ ନିଉଗୁଏନା ସମେତ ବିଭିନ୍ନ ଦେଶ ଆଇନ ପ୍ରଣୟନ କରିଛନ୍ତି। ନବଜାତକ କୁମ୍ଭୀର ଓ ସାମୁଦ୍ରିକ ଜୀବଙ୍କ ଆହାରକୁ ସଂଘବଦ୍ଧ ଭାବେ ରହୁଥିବା ଏହି ପିରାହ୍ନା ମାଛ ଅକ୍ଲେଶରେ ଖାଇ ଦେଇଥାନ୍ତି। ଏପରିକି ଗୋଟିଏ ଗାଇର ଶବକୁ ମାତ୍ର କେତୋଟି ମିନିଟ୍ ମଧ୍ୟରେ ଖାଇ ଦେବାର କ୍ଷମତା ରଖିଛନ୍ତି ବୋଲି ପ୍ରାଣୀ ବିଜ୍ଞାନୀ ଗବେଷକ ଦେବୀ ପ୍ରସାଦ ସାହୁ ପ୍ରକାଶ କରିଛନ୍ତି। ପିରାହ୍ନା ପ୍ରଜାତିର ମାଛଚାଷ ଏବେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରେ ଥିବା ନାଳ, ନଦୀ ଓ ପୋଖରୀରେ ପ୍ରଚୁର ପରିମାଣରେ ଦେଖିବାକୁ ମିଳୁଛି। ଚିଙ୍ଗୁଡି ଘେରି ଜାତୀୟ ଉଦ୍ୟାନ ପାଇଁ ବିପଦ ସାଜିଥିବା ବେଳେ ପିରାହ୍ନା ଚାଷ ସମଗ୍ର ଜୈବବିବିଧତାକୁ ନଷ୍ଟ କରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ରାଜନଗରର ଅଶୋକ କୁମାର ସାମଲ କହିଛନ୍ତି, ଭିତରକନିକାର ପରିବେଶ ସୁରକ୍ଷା ଏବେ ଅଣାୟତ୍ତ ହୋଇଛି। ଚିଙ୍ଗୁଡି



ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ମାଛ ଚାଷ କରାଯାଉଛି।

- ଉଚ୍ଛେଦ ହୋଇପାରୁନି ଚିଙ୍ଗୁଡ଼ି ଘେରି
- ମାଛଚାଷୀ ଓ ବ୍ୟବସାୟୀଙ୍କ କବଳରେ ସଂରକ୍ଷିତ ଜଙ୍ଗଲ

ଘେରି ବଢ଼ିଚାଲିଥିବା ବେଳେ ୫ ବର୍ଷ ଧରି ରୂପଚାନ୍ଦି ମାଛଚାଷ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହେଉଛି। ଜାତୀୟ ଉଦ୍ୟାନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ମାଛଚାଷ ହେବା ଯୋଗୁ ପରିବେଶ ସନ୍ତୁଳନ ନଷ୍ଟ ହେଉଛି। ଜାତୀୟ ଉଦ୍ୟାନର ସୁଦୀର୍ଘ ଘଞ୍ଚଜଙ୍ଗଲ, ପଶୁପକ୍ଷୀ, ସାମୁଦ୍ରିକ ତଟାଞ୍ଚଳର ପରିବେଶ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଥିସହ ଅଲିଭ୍‌ରିଡ୍‌ଲେଙ୍କ ଅନ୍ତୁଡିଶାଳ, ବଉଳା କୁମ୍ଭୀର, ଡଲ୍‌ଫିନ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଚିଙ୍ଗୁଡ଼ି ଘେରି ଓ ପିରାହ୍ନା ପ୍ରଜାତିର ମାଛଚାଷ ଯୋଗୁ ଜଙ୍ଗଲ ବ୍ୟବସାୟୀଙ୍କ କବଳକୁ ଚାଲିଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ଭିତରକନିକାର ସୁରକ୍ଷା ପାଇଁ ହାଇକୋର୍ଟରେ ବିଭିନ୍ନ ସମୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଉଛି। ଏହାର ପରିଧି ମଧ୍ୟରେ ଥିବା ବେଆଇନ ଚିଙ୍ଗୁଡିଘେରି ଉଚ୍ଛେଦକୁ ଗୁରୁତ୍ୱ ଦିଆଯାଇଛି। ନିକଟରେ ଅଲିଭରିଡ୍‌ଲେଙ୍କ ମୃତ୍ୟୁର ଯାଞ୍ଚ ପାଇଁ ଏକ ୩ ଜଣିଆ କମିଟି ସହ ଆମିକସକ୍ୟୁରୀ ମୋହିତ ଅଗ୍ରୱାଲ ଆସିଥିଲେ। ତଦନ୍ତ ସାରି ଫେରିଛନ୍ତି। ତେବେ ଏହି ଗସ୍ତ ସମୟରେ ମାଛଘେରି ସଂଖ୍ୟା ବୃଦ୍ଧି ପାଇଥିବା ଲକ୍ଷ୍ୟ କରିଛନ୍ତି। ଏଥିପାଇଁ ଜାତୀୟ ଉଦ୍ୟାନ ଓ ଆଖପାଖ ଅଞ୍ଚଳରେ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାଛଚାଷ ଫଳରେ ଏହାର ବିଷାକ୍ତ ବର୍ଜ୍ୟବସ୍ତୁ ଜଙ୍ଗଲକୁ ଧ୍ୱଂସ କରୁଥିବା ସେ ପ୍ରକାଶ କରିଛନ୍ତି। ପରିବେଶବିତ୍ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲ ଜମି ସ୍ଥାନୀୟ ରାଜନେତାଙ୍କ ଭୋଟବ୍ୟାଙ୍କ ସାଜିଛି। ଅନୁପ୍ରବେଶକାରୀ ଏହି ଜମିକୁ ଜବରଦଖଲ କରି ରହିବା ସହ ମାଛଚାଷ, ପଶୁପକ୍ଷୀଙ୍କ ଶିକାର ସହ ଗଛ ନଷ୍ଟ କରୁଛନ୍ତି। ଅନୁପ୍ରବେଶକାରୀଙ୍କୁ ରୋକା ନ ଗଲେ ଭିତରକନିକା ଶ୍ରୀହୀନ ହୋଇଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରେ ଭିତରକନିକାକୁ ଅବାଧ ପ୍ରବେଶ ନିଷେଧ ହୋଇଛି। ଏଠାରେ ଥିବା ଚିଙ୍ଗୁଡ଼ି ଘେରିକୁ ଜିଲା ପ୍ରଶାସନ ସହାୟତାରେ ଭଙ୍ଗାଯାଉଛି। ପିରାହ୍ନା ଚାଷ ସମ୍ପର୍କରେ ଜାଣି ନ ଥିବା କହିବା ସହ ଏ ନେଇ ତଦନ୍ତ କରିବେ ବୋଲି ସେ କହିଛନ୍ତି।

# ବନ୍ଦ ହେବ ସମ୍ବଲପୁର ରୋଡ୍ ଷ୍ଟେଶନ

ସମ୍ବଲପୁର, ୧୦।୩ (ବ୍ୟୁରୋ)

ଦେଶ ସ୍ୱାଧୀନ ପୂର୍ବରୁ ଅର୍ଥାତ୍ ୧୮୯୦ ମସିହାରେ ନିର୍ମାଣ ହୋଇଥିବା ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ହେବ। ଏ ନେଇ ରେଳ ସଦନ ଭୁବନେଶ୍ୱରର ପ୍ରିନ୍ସିପାଲ ଚିଫ୍ ଅପରେଶନ ମ୍ୟାନେଜରଙ୍କ ପକ୍ଷରୁ ନୋଟିସ୍ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳକୁ ମଧ ଏ ନେଇ ଅବଗତ କରାଯାଇଛି। ସମ୍ବଲପୁର-ଅନୁଗୋଳ ରେଳପଥ ଦୋହରୀକରଣ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ପୂର୍ବରୁ ୧୯୯୨-୯୩ରେ ଷ୍ଟେଶନ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିରୋଧ କରାଯିବାରୁ ଏହାକୁ ସ୍ଥଗିତ ରଖାଯାଇ ଷ୍ଟେଶନ ଭିତ୍ତିଭୂମିର ବିକାଶ କରାଯାଇଥିଲା। ବର୍ତ୍ତମାନର ଏହି ନିଷ୍ପତ୍ତି ପ୍ରଚାର ହେବା ପରେ ଜନ ଅସନ୍ତୋଷ ଦେଖାଦେଇଛି।

ପ୍ରାୟ ୧୨୮ ବର୍ଷଧରି ସେବା ଯୋଗାଇ ଆସୁଥିବା ଏହି ଐତିହାସିକ ଷ୍ଟେଶନ ବନ୍ଦ ହେବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଛି।



ସମ୍ବଲପୁର ରୋଡ୍ ଷ୍ଟେଶନ।

ପ୍ରଥମେ ଡାକ ଓ ସାମଗ୍ରୀ ନେବା ପାଇଁ ଏହି ଷ୍ଟେଶନକୁ ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଟ୍ରେନ ରହଣି ହେବାରୁ ଯାତ୍ରୀମାନଙ୍କ ଯାତାୟାତ ସୁବିଧା କରାଯାଇଥିଲା। ସହରର ମୁଖ୍ୟ ସ୍ଥାନରେ ଷ୍ଟେଶନ ଥିବାରୁ ରାତିଅଧରେ ମଧ ଲୋକେ ଯିବାଆସିବାରେ ସୁରକ୍ଷିତ ମନେକରନ୍ତି। ଏବେ ଷ୍ଟେଶନରେ ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ ଭଳି ସମସ୍ତ ସୁବିଧା ରହିଛି। ତେଣୁ କେବଳ ସମ୍ବଲପୁର ନୁହେଁ, ଆଖପାଖ ଜିଲାବାସୀ ମଧ ଏହି ଷ୍ଟେଶନ ଉପରେ ନିର୍ଭର କରନ୍ତି। ରେଳ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମ୍ବଲପୁର-ଅନୁଗୋଳ ରେଳପଥ ୧୯୯୮ମସିହାରେ ଆରମ୍ଭ ହୋଇଥିଲା। ଗୋଟିଏ ରେଳ ଲାଇନ୍‌ରେ ଏବେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଛି। ପ୍ରତିଦିନ ହାରାହାରି ୩୦ରୁ ଅଧିକ ଟ୍ରେନ ଯିବାଆସିବା କରିଥାଏ। ସମ୍ବଲପୁର ରେଳମଣ୍ଡଳର ପ୍ରମୁଖ ବ୍ୟବସାୟ ସ୍ଥଳ ହେଉଛି ଅନୁଗୋଳ। ଏହି ଷ୍ଟେଶନରୁ ଅଧିକ ରାଜସ୍ୱ ଆଦାୟ ହୋଇଥାଏ। ଗୋଟିଏ ଲାଇନ୍ ଥିବାରୁ ମାଲବାହୀ ଟ୍ରେନ

- ୧୨୮ ବର୍ଷ ଧରି ଯୋଗାଇଆସୁଛି ସେବା
- ରେଳପଥ ଦୋହରୀକରଣ ପାଇଁ ନିଷ୍ପତ୍ତି
- ଜନ ଅସନ୍ତୋଷ ବୃଦ୍ଧି

ଓ ଯାତ୍ରୀ ଟ୍ରେନ ଯିବାଆସିବାରେ ସମସ୍ୟା ହେଉଛି। ଯଦି ମାଲ ପରିବହନ ଟ୍ରେନକୁ ଅଗ୍ରାଧିକାର ଦିଆଯାଉଛି ତା'ହେଲେ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏଭଳି ସମସ୍ୟା ଯୋଗୁ ସମ୍ବଲପୁର-ଅନୁଗୋଳ ରେଳପଥକୁ ଦୋହରୀକରଣ ଓ ଉନ୍ନତୀକରଣ ଯୋଜନା କରି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଦୋହରୀକରଣ କାମ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ବସିଲାଣି। ହେଲେ ସମ୍ବଲପୁର ରୋଡ୍ ଷ୍ଟେଶନ ବାଧା ସୃଷ୍ଟି କରୁଥିବାରୁ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି।

# ପୁରୀ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

ପୁରୀ ଅଫିସ, ୧୦।୩

ଡେଲାଙ୍ଗ ନାବାଳିକା ବଳାତ୍କାର ମାମଲାରେ ପୁରୀ ଏସ୍‌ପିଙ୍କୁ ନୋଟିସ୍ ଦେଇଛି ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)। ଏହି ରିପୋର୍ଟରେ ଏସ୍‌ପିଙ୍କୁ ଆସନ୍ତା ୬ ସପ୍ତାହ ମଧ୍ୟରେ ଉକ୍ତ ମାମଲା ଉପରେ ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଛି। ଏନ୍‌ଏଚ୍‌ଆରସି ଆକ୍ସନ ଟେକେନ୍ ରିପୋର୍ଟରେ ଉଲ୍ଲେଖ ଅଛି ଯେ, ଅଭିଯୋଗକାରୀଙ୍କ କହିବା ଅନୁଯାୟୀ ଗତ ୪ ତାରିଖରେ ପୁରୀ ଜିଲାର ଏକ ନାବାଳିକା ଛାତ୍ରୀ ଡେଲାଙ୍ଗ ବେରବୋଇ କଲେଜର ଅଧ୍ୟାପକଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ। ଏ ନେଇ ଡେଲାଙ୍ଗ ଥାନାରେ ନାବାଳିକା ଜଣକ ଏକ ଅଭିଯୋଗ କରିଥିଲେ। ମାତ୍ର ଏବେ ସୁଦ୍ଧା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ଫଳରେ ଜାତୀୟ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। କମିଶନ ପାଖରେ ହୋଇଥିବା ଅଭିଯୋଗରେ ଏହା ଉଲ୍ଲେଖ ରହିଛି ଯେ, କମିଶନ ଘଟଣାର ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ

**ଡେଲାଙ୍ଗ ନାବାଳିକା ବଳାତ୍କାର ପ୍ରସଙ୍ଗ**

ଗିରଫଦାରୀ ଓ ନାବାଳିକାଙ୍କୁ ସହାନୁଭୂତି ରାଶି ପ୍ରଦାନ କରିବା ନେଇ ପଦକ୍ଷେପ ନିଅନ୍ତୁ। ଅଭିଯୋଗକାରୀଙ୍କ ତରଫରୁ ମିଳିଥିବା ଅଭିଯୋଗ ପତ୍ରର ଏକ ନକଲ ପୁରୀ ଏସ୍‌ପିଙ୍କୁ ପଠାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ନାବାଳିକା ଜଣକ ସତ୍ୟବାଦୀ ଅଞ୍ଚଳରେ ଅଟନ୍ତି। ତାଙ୍କ ସହ ବଳାତ୍କାର କରିଥିବା ଅଧ୍ୟାପକ ଏବେ ଫେରାର ଅଛନ୍ତି।

# ବ୍ୟାପୁଛି ଫାଟୁଆ ରୋଗ

ନିଶ୍ଚିନ୍ତକୋଇଲି, ୧୦।୩ (ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କିଛିଦିନ ହେଲା ଫାଟୁଆ ମହାମାରୀର ରୂପ ନେଉଥିବା ଅଭିଯୋଗ ହୋଇଛି। ଏ ନେଇ ଗୋଚାଷୀମାନଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଏହି ରୋଗରେ ସ୍ଥାନୀୟ ଅଞ୍ଚଳରେ ବହୁ ଗୋରୁ ମୃତ୍ୟୁବରଣ କରିଛନ୍ତି। ବହୁ ଆକ୍ରାନ୍ତ ହୋଇଛନ୍ତି। ଏହାର ପ୍ରତିକାର ଦିଗରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ଅସୁରେଶ୍ୱର, କଟିକଟା ପଞ୍ଚାୟତରେ ପ୍ରଥମେ ଏହି ରୋଗ ଦେଖାଇଥିଲା। ପରେ ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୪୦ ହଜାର ଗୋରୁଙ୍କୁ ଭାକ୍ସିନ୍ ଦିଆଯାଇଥିଲା ବୋଲି ବ୍ଲକ ଭେଟେରିନାରି ଅଫିସର କହିଛନ୍ତି। ଭ୍ୟାକସିନ ପରେ ମଧ ଏହି ବ୍ଲକର ରାମକୃଷ୍ଣପୁର ଗାଁର ହାଡିବନ୍ଧୁ ଖଟୁଆଙ୍କ ଏକ ଜର୍ସି ଛଡା ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଭାବେ ନିକଟରେ ତିଳକଣା, ଉତ୍ତରକୂଳ ପ୍ରଭୃତି ପଞ୍ଚାୟତରେ ବହୁ ଗୋପାଳକଙ୍କ ଗୋରୁ ଅକାଳରେ ମୃତ୍ୟୁ କରିଥିବା ଜଣାଯାଇଛି। ସେହିପରି ଭାବେ ରାମକୃଷ୍ଣପୁର ଗାଁର ବୀରକିଶୋର ବସ୍ତିଆ, ଧନେଶ୍ୱର ବସ୍ତିଆ, କୈଳାସ ବସ୍ତିଆ, ଗୋଲା ବସ୍ତିଆ, ସୁକାନ୍ତ ବସ୍ତିଆ, ନିଶ୍ଚିନ୍ତକୋଇଲି ଗାଁର ବଲ୍ଲଭ ଚରଣ ପଲେଇଙ୍କ ଏକାଧିକ ଗୋରୁ ଫାଟୁଆରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ପ୍ରାଣୀଧନ ବିଭାଗ ପକ୍ଷରୁ ଫାଟୁଆର ପ୍ରତିକାର ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ତୁରନ୍ତ ଏହାର ପ୍ରତିକାର କରିବାକୁ ଗୋପାଳକ ଦୃଢ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଭେଟେରିନାରି ଅଫିସର ତନ୍ମୟ କୁମାର ମହାନ୍ତିଙ୍କୁ ପଚାରିବାରେ ପ୍ରଥମ ପର୍ଯ୍ୟାୟ ଭ୍ୟାକ୍ସିନ୍ ଗୋରୁଙ୍କୁ ଦିଆଯାଇଥିଲା। ଫାଟୁଆ ରୋଗ ଭୂତାଣୁ ଜନିତ ହୋଇଥିବାରୁ ଏହାକୁ ରୋକିବାକୁ ଭ୍ୟାକ୍ସିନ ଏକମାତ୍ର ପନ୍ଥା। ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଭ୍ୟାକ୍ସିନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।

# ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ

ରାଜନଗର, ୧୦।୩(ଡି.ଏନ.ଏ.)

ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ କୁହାଯାଉଥିବା ଗହୀରମଥାର ନାସୀ-୧ ଓ ନାସୀ-୨ରେ ମଙ୍ଗଳବାର ସନ୍ଧ୍ୟାରୁ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବିତ ରାତି ସୁଦ୍ଧା ପ୍ରାୟ ୧୧ଶହ ଅଲିଭରିଡ୍‌ଲେ କଇଁଛ ଅଣ୍ଡାଦାନ କରିଛନ୍ତି। ମାଆ କଇଁଛମାନେ ବେଳାଭୂମିକୁ ଉଠିବା ପରେ ବାଲିରେ

- ପ୍ରଥମ ଦିନରେ ୧୧ଶହ କଇଁଛ ଅଣ୍ଡା ଦେଲେ
- ଖୁବ୍‌ଶୀଘ୍ର ଗଣ ଅଣ୍ଡାଦାନ ଆରମ୍ଭ ହେବ

୧ଫୁଟରୁ ଦେଢ଼ଫୁଟ ଗାତକରି ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ସମୁଦ୍ର କୂଳଠାରୁ ୨ କିମି ମଧ୍ୟରେ ଲକ୍ଷାଧିକ କଇଁଛ ଭିଡ଼ ଜମାଇଛନ୍ତି। ଖୁବ୍‌ଶୀଘ୍ର ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସୂଚନାଯୋଗ୍ୟ, ୧୯୭୫ ମସିହାରୁ ଗହୀରମଥା ଉପକୂଳର ୧୦କିମି ବାଲୁକା ଶଯ୍ୟାରେ ଏହି ବିରଳ ସାମୁଦ୍ରିକ କଇଁଛମାନଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିଥିଲେ। ଏହାପରେ ଗହୀରମଥା ସମୁଦ୍ର ଉପକୂଳଠାରୁ ୨୦ କିମି ଯାଏ ଟ୍ରଲରରେ ମାଛ ମାରିବା ନିଷେଧ କରାଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓମ୍‌ନିବାସସ୍ଥିତ ବ୍ରହ୍ମାକୁମାରୀଜ ପକ୍ଷରୁ ଶିବରାତ୍ରି ପାଳନ, ବାୟାବାବା ମଠ ରୋଡ, ସକାଳ ୮ଟା।
- . ରାଷ୍ଟ୍ରୀୟ ଅଭିଲେଖାଗାରର ପ୍ରତିଷ୍ଠା ଦିବସ, ଇଷ୍ଟର୍ନ ରିଜିଓନାଲ ରେକର୍ଡ ସେଣ୍ଟର, ଏମ୍ ୭୯, ମଧୁସୂଦନ ନଗର, ୟୁନିଟ-୪, ପୂର୍ବାହ୍ନ ୧୦ଟା ୩୦।
- . ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- . କଳାଶ୍ରମ ପକ୍ଷରୁ ଗୁରୁ ଦକ୍ଷିଣା ଉତ୍ସବ ଉଦ୍‌ଘାଟନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବାଲିଅନ୍ତାର ବିଭିନ୍ନ ଶୈବ ପୀଠରେ ଶିବରାତ୍ର ପାଳନ, ରାତି ୯ଟା ୩୦।

# ଆଜି ଜାଗର, ରାତି ୧୦ରେ ଉଠିବ ମହାଦୀପ

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୧୦।୩(ବ୍ୟୁରୋ)

**■ବିରୋଧ ଯୋଗୁ ୫ଘଣ୍ଟା ନୀତି ବିଳମ୍ବ**

**■ବୈଠକରେ ନିଷ୍ପତ୍ତି ପରେ ସ୍ୱାଭାବିକ ହେଲା ନୀତିକାନ୍ତି**

ଜାଗର ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଏକାମ୍ର କ୍ଷେତ୍ର। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏହି ଉତ୍ସବ କିପରି ଭାବେ ସୁରୁଖୁରୁରେ ସମାପନ ହେବ, ସେନେଇ ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଛି। ଗୁରୁବାର ରାତି ୧୦ଟାରେ ମହାଦୀପ ଉଠିବାକୁ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ କିଭଳି ଲିଙ୍ଗରାଜଙ୍କୁ ଦର୍ଶନ କରିପାରିବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏପରି କି ଭକ୍ତଙ୍କ ସୁରକ୍ଷା ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ବିଭିନ୍ନ ଦାବିରେ ଅଟଳ ଥିବା ବ୍ରାହ୍ମଣ ଓ ବଡୁ ନିଯୋଗ ସେବାୟତଙ୍କ ଅସହଯୋଗ ଯୋଗୁ ବୁଧବାର ୫ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ର ମନ୍ଦିର କାର୍ଯ୍ୟାଳୟରେ ଜରୁରୀ ବୈଠକ ଡକାଇ ୨ ନିଯୋଗର ଦାବି ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଶ୍ରାବଣୀ ପ୍ରାପ୍ୟ ଦେବା ସହ ହାଣ୍ଡିଭଙ୍ଗା ଯାତ ଚଳିତବର୍ଷଠାରୁ ଅନୁଷ୍ଠିତ ହେବା ଉପରେ ଆଲୋଚନା ହୋଇଥିଲା। ପରେ କମିଶନର ଏହି ଦାବିକୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ସୂଚନା ଦେବା ପରେ ପ୍ରଭୁଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ବୈଠକରେ ଜିଲାପାଳ ସନତ କୁମାର ମହାନ୍ତି, ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଓ ବିଏମ୍‌ସି ଅଧିକାରୀ ଉପସ୍ଥିତ ଥିଲେ।



## ପ୍ରଭୁ ଲିଙ୍ଗରାଜଙ୍କ ନୀତି

ଚଳିତବର୍ଷ ମହାଶିବରାତ୍ରି ଉପଲକ୍ଷେ ଗୁରୁବାର ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୀତି ପାଳନ ନିମନ୍ତେ ନିର୍ଘଣ୍ଟ ଜାରି ହୋଇଛି। ପ୍ରାତଃ ୩ଟାରୁ ସାଢେ ୩ଟା ମଧ୍ୟରେ ମଙ୍ଗଳ ଆଳତି ଓ ଅବକାଶ, ଭୋର ସାଢେ ୩ଟାରୁ ଦିନ ୧୧ଟା ଯାଏଁ ସାହାଣମେଲା ଦର୍ଶନ, ସକାଳ ସାଢେ ୬ଟାରେ ରୋଷ ହୋମ, ୧୧ଟାରୁ ୧୨ ପର୍ଯ୍ୟନ୍ତ ଛାମୁ ପରିଷ୍କାର, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧୨ଟା ୪୫ ମଧ୍ୟରେ ମହାସ୍ନାନ ଓ ବେଶ ଅନୁଷ୍ଠିତ ହେବ। ପରେ ୧୨ଟା ୪୫ରୁ ସାଢେ ୨ଟା ମଧ୍ୟରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଓ ଠାକୁରାଣୀ ବଲ୍ଲଭ ଓ ଶ୍ରୀଜୀଉଙ୍କ ସକାଳ ଧୂପ, ସାଢେ ୨ଟାଠାରୁ ୨ଟା ୪୫ ମଧ୍ୟରେ ଶ୍ରୀ ଭୁବନେଶ୍ୱରୀଙ୍କ ସକାଳ ଧୂପ, ୨ଟା ୪୫ରୁ ୩ଟା ୪୫ ପର୍ଯ୍ୟନ୍ତ ଭୋଗ ମଣ୍ଡପ, ୩ଟା ୪୫ରୁ ୪ଟା ୪୫ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ସୁବିଧା ମିଳିବ। ସେହିପରି ୪ଟା ୪୫ରୁ ୫ଟା ୧୫ ପର୍ଯ୍ୟନ୍ତ ଛାମୁ ପରିଷ୍କାର, ସନ୍ଧ୍ୟା ୫ଟା ୧୫ରୁ ୫ଟା ୪୫ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ବେଶ, ୫ଟା ୪୫ରୁ ସନ୍ଧ୍ୟା ୭ଟା ଯାଏ ବୀରକିଶୋର ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ଭୁବନେଶ୍ୱରୀଙ୍କ ଦ୍ୱିପ୍ରହର ଧୂପ, ସନ୍ଧ୍ୟା ୭ରୁ ୭ଟା ୧୦ ମଧ୍ୟରେ ଶ୍ରୀଜୀଉଙ୍କ ପହୁଡ, ୭ଟା ୧୦ରୁ ସାଢେ ୭ ମଧ୍ୟରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ଓ ଟେରାଫିଟା, ସାଢେ ୭ରୁ ୮ଟା ୧୦ ମଧ୍ୟରେ ଶ୍ରୀଜୀଉଙ୍କ ମାଜଣା ଓ ବେଶ, ରାତ୍ର ୮ଟା ୧୦ରୁ ୮ଟା ୫୫ ମଧ୍ୟରେ ଶ୍ରୀଜୀଉଙ୍କ ଯାତ୍ରା ପୂଜା ଓ ବେଢା, ୮ଟା ୫୫ରୁ ୧୦ଟା ମଧ୍ୟରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ ଓ ତୀର୍ଥଜଳ ଆନୟନ, ରାତ୍ର ୧୦ଟାରେ ମହାଦୀପ ଦର୍ଶନ ହେବ। ପରେ ରାତ୍ର ୧୦ଟାରୁ ୧୧ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ, ୧୧ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଶ୍ରୀଜୀଉଙ୍କ ଛାମୁ ପରିଷ୍କାର, ରାତ୍ର ସାଢେ ୧୧ଟାରୁ ସାଢେ ୩ଟା ମଧ୍ୟରେ ଚାରିପ୍ରହର ପୂଜା, ଭୋର ସାଢେ ୩ଟାରୁ ସାଢେ ୪ ମଧ୍ୟରେ ହରିହର ଭେଟ ଓ ଭୋର ସାଢେ ୪ଟାରୁ ଭୋର ୫ଟା ୧୫ ଭିତରେ ବଡ ସିଂହାର ଓ ପହୁଡ ନୀତି ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପୋଲିସ କମିଶନରଙ୍କ ସୁରକ୍ଷା ଅନୁଧ୍ୟାନ

ଜାଗର ଉପଲକ୍ଷେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବୁଧବାର ଅପରାହ୍ନରେ ଲିଙ୍ଗରାଜ ମନ୍ଦିର ଅଞ୍ଚଳ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନଦେବାକୁ କମିଶନର ସୌମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି। ପରେ କମିଶନରେଟ ପୋଲିସର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଶନର ସୌମେନ୍ଦ୍ର ଅଧ୍ୟକ୍ଷତା କରିଥିବାବେଳେ ଡିସିପି ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷାକୁ କଡ଼ାକଡ଼ି କରିବାକୁ ଏକ ଟିମ୍ ଗଠନ କରାଯାଇଛି। ସୂଚନାନୁସାରେ, ସୁରକ୍ଷା ଦାୟିତ୍ୱରେ ୩୪ ପ୍ଲାଟୁନ ଫୋର୍ସ ରହିବେ। ଡିସିପିଙ୍କ ଅଧୀନରେ ୫ଜଣ ଅତିରିକ୍ତ ଡିସିପି ଓ ୧୩ଜଣ ଏସିପି ଦାୟିତ୍ୱ ନେବେ। ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ୧୭ ଇନ୍ସପେକ୍ଟର ଓ ୮୬ ସବ୍‌ଇନ୍ସପେକ୍ଟର ରହିବେ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କରୋନା କଟକଣା ପାଇଁ ଭିଡ଼ ନ କରିବାକୁ କମିଶନରେଟ ପୋଲିସ ତରଫରୁ ପରାମର୍ଶ ଦିଆଯାଇଛି।

# ୫ ସଭାପତି, ୪ ସମ୍ପାଦକ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

**ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ**

ଆସନ୍ତା ୨୭ ତାରିଖରେ ୨୦୨୧-୨୨ପାଇଁ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ହେବ। ଏଥିପାଇଁ ଗତ ତିନି ଦିନ ଧରି ପ୍ରାର୍ଥୀପତ୍ର ଦାଖଲ ଚାଲିଥିଲା। ବୁଧବାର ତଥା ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ସୁଦ୍ଧା ଭୁବନେଶ୍ୱର ଓକିଲ ସଂଘର ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ସଭାପତି ପଦ ପାଇଁ ନିରଞ୍ଜନ କାନୁନ୍‌ଗୋ, ଦେବରାଜ ମହାନ୍ତି, କିଶୋର ଚନ୍ଦ୍ର କର, ନିର୍ମଳ ଚନ୍ଦ୍ର ରଥ, ମହମ୍ମଦ ଜିଉହେଗ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପଦ ପାଇଁ ଅକ୍ଷୟ ସାମନ୍ତରାୟ, ଦେବୀପ୍ରସାଦ ମିଶ୍ର, ଗୁଣ୍ଠିଚି ସାହୁ, ରାଜକିଶୋର ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପାଇଁ ଦେବୀଦତ୍ତ ବାରିକ ଓ ଦୁର୍ଗାପ୍ରସାଦ ସାହୁ, କୋଷାଧ୍ୟକ୍ଷ ପାଇଁ ଲିଙ୍ଗରାଜ ମହାରଣା, ଶକ୍ତିପ୍ରସାଦ ଛୋଟରାୟ, ଯୁଗ୍ମ ସମ୍ପାଦକ ପାଇଁ ଅଶୋକ କୁମାର ବଡପଣ୍ଡା, ରାଜଲକ୍ଷ୍ମୀ ନାୟକ, ସୁକାନ୍ତ କୁମାର ବେହେରା, ସହ ସମ୍ପାଦକପାଇଁ ଶିବ ନାରାୟଣ ସାହୁ ଓ ସୁଜ୍ଞାନୀ ସାହୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟପାଇଁ ଅଭିଜିତ ମିଶ୍ର, ଅମରେଶ ସ୍ୱାଇଁ, ଅମୂଲ୍ୟ ପ୍ରସାଦ ନାୟକ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅସିତ କୁମାର ମହାପାତ୍ର, ନାରାୟଣ ଜେନା, ପ୍ରଦୀପ୍ତ କୁମାର ପାଲ, ସବ୍ୟସାଚୀ ସୂତାର, ସୁରେଶ କୁମାର ଦାସ ଓ ମହିଳା ସଦସ୍ୟ ପାଇଁ ଲୀନା ପଟ୍ଟନାୟକ ଓ ପ୍ରମିଳା ଜାଲି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଉପରୋକ୍ତ ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ପରେ କାଏମ ରହିଛି। ଶୁକ୍ରବାର ଯେଉଁ ପ୍ରାର୍ଥୀଚାହିଁବେ, ପ୍ରାର୍ଥୀପତ୍ର ପ୍ରତ୍ୟାହାର ମଧ୍ୟ କରିପାରିବେ ବୋଲି ନିର୍ବାଚନ ଅଧିକାରୀ ସୁଦାମ ଚନ୍ଦ୍ର ଦାସ ଜଣାଇଛନ୍ତି। ଭୁବନେଶ୍ୱର ବାର୍‌ରେ ନିର୍ବାଚନ ନେଇ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି। ପ୍ରାର୍ଥୀମାନେ ପୁର୍ଣ୍ଣି କାର୍ଡ ଦେଇ ସମର୍ଥନ ଲୋଡୁଥିବା ଲକ୍ଷ୍ୟ କରାଯାଉଛି।

## ସଂକ୍ଷେପରେ

### ୧୨ରୁ ଅସୀମ ଉତ୍ସବ

ଭୁବନେଶ୍ୱର,୧୦।୩(ବ୍ୟୁରୋ)- ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୧୨ ଓ ୧୩ ତାରିଖ ଦୁଇଦିନ ଧରି ଅସୀମ ଉତ୍ସବ ହେବାକୁ ଯାଉଛି। ରବୀନ୍ଦ୍ର ମଣ୍ଡପରେ ହେବାକୁ ଥିବା ଏହି ଦୁଇଦିନିଆ ଉତ୍ସବରେ ନାଟକ ଓ ଚିତ୍ର ପ୍ରଦର୍ଶନୀର ଏକ ସମନ୍ୱୟ ଦେଖିବାକୁ ମିଳିବ। ରାଜ୍ୟର ୧୬ଜଣ ପ୍ରତିଷ୍ଠିତ ମହିଳା ଚିତ୍ରଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନ ସହ ଦୁଇଟି ନାଟକ ପରିବେଷଣ କରାଯିବ। ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର ବିଜୟ ମିଶ୍ରଙ୍କ ନାଟକ 'ଶବ ବାହକମାନେ' ପରିବେଷଣ ହେବ। ଏହାକୁ ଭୁବନେଶ୍ୱରର ନାଟ୍ୟସଂସ୍ଥା ଉତ୍ତରପୁରୁଷର କଳାକାରମାନେ ପରିବେଷଣ କରିବେ। ଦ୍ୱିତୀୟ ସନ୍ଧ୍ୟାରେ ଫାଉଣ୍ଡେଶନର ନିଜସ୍ୱ ନାଟକ 'ସାଇକେଲ' ପରିବେଷଣ କରାଯିବ। ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ମୂଳ ଉପନ୍ୟାସ 'ସାଇକେଲ'କୁ ସେ ନିଜେ ନାଟ୍ୟରୂପ ଦେଇଛନ୍ତି। ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନାରେ ଫାଉଣ୍ଡେଶନର କଳାକାରମାନେ ଏହାକୁ ପରିବେଷଣ କରିବେ ବୋଲି ସମ୍ପାଦକ ପବିତ୍ର ମୋହନ କର ସୂଚନା ଦେଇଛନ୍ତି।

### ଶିଶୁ ନାଟ୍ୟ କର୍ମଶାଳା

ଭୁବନେଶ୍ୱର, ୧୦।୩(ବ୍ୟୁରୋ): ଜାତୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ 'ଶତାବ୍ଦୀର କଳାକାର' ନାଟ୍ୟ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ବିଜୁ ନାଟ୍ୟ କେନ୍ଦ୍ରରେ ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ରୁ ୧୪ବର୍ଷ ବୟସର ୩୦ ଜଣ ଶିଶୁ କଳାକାର ଭାଗ ନେଇଛନ୍ତି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି କର୍ମଶାଳା ଚାଲିବ। ୩୦ ତାରିଖରେ ଏହି ପିଲାମାନଙ୍କ ଦ୍ୱାରା ଭଞ୍ଜକଳା ମଣ୍ଡପରେ ନାଟକ 'ବାଜି ରାଉତ' ପରିବେଷଣ କରାଯିବ।

# ମନ ମୋହିଲା 'ହରଗୌରୀଷ୍ଟକମ୍'

ଭୁବନେଶ୍ୱର, ୧୦।୩ (ବ୍ୟୁରୋ)



ନୃତ୍ୟ ଅନୁଷ୍ଠାନ କଳାଶ୍ରମ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଗୁରୁଦକ୍ଷିଣା ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ବାଦ୍ୟବାଣୀ ଗୁରୁକୁଳର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ବୃନ୍ଦ ମର୍ଦ୍ଦଳ ବାଦନରୁ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ପରେ କଳାଶ୍ରମର ପ୍ରତିଷ୍ଠାତା ଗୁରୁ ନିତ୍ୟାନନ୍ଦ ଦାସ ଓ ଗୁରୁ ବିଜୟ କୁମାର ଦାଶ ମିଳିତ ଭାବେ 'ହେ କଳାକାର' ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଦର୍ଶନର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟରେ କ୍ରିଷ୍ଣାଷ୍ଟକମ୍ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ସେହିପରି ରୁଦ୍ରାକ୍ଷ ଫାଉଣ୍ଡେଶନର ସଞ୍ଜୀବ ଜେନା ଓ ରୋଜି ସ୍ୱାଇଁ ମିଳିତ ଭାବେ 'ହରଗୌରୀଷ୍ଟକମ୍' ପରିବେଷଣ କରିଥିଲେ। ଶେଷରେ ଭଦ୍ରକର ସଂକେତ ଅନୁଷ୍ଠାନର କଳାକାରମାନେ ମୋଗଲ ତାମସା ପରିବେଷଣ କରିଥିଲେ, ଯାହାକି ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଅତିଥି ଭାବେ ଇଫ୍‌କୋ ପାରାଦ୍ୱୀପର ଜଏଣ୍ଟ ଜେନେରାଲ୍ ମ୍ୟାନେଜର ଅଭୟ କୁମାର ମଲ୍ଲ, ଇଫ୍‌କୋ ପାରାଦୀପର ଆଡ୍‌ମିନିଷ୍ଟ୍ରେଟର ଅଫିସର ପ୍ରସନ୍ନ କୁମାର ବେଉରା, କାଦମ୍ବିନୀର ସମ୍ପାଦିକା ଇତିରାଣୀ ସାମନ୍ତ, କଳାଶ୍ରମର ଉପଦେଷ୍ଟା ମନୋଜ ଦାସ ମଞ୍ଚାସୀନ ଥିଲେ।

## ଆୟକର କର୍ମଚାରୀଙ୍କ ଅସହଯୋଗ ଆନ୍ଦୋଳନ

ଭୁବନେଶ୍ୱର,୧୦।୩

ସାରା ଭାରତର ଆୟକର କର୍ମଚାରୀମାନେ ୩ ମାର୍ଚ୍ଚଠାରୁ ଦୈନିକ ୩ ଘଣ୍ଟିଆ ରିଲେ ଧାରଣାରେ ବସିଛନ୍ତି। ୧୦ ଦଫା ଦାବି ନେଇ ଆୟକର କର୍ମଚାରୀ ମହାସଂଘ, ମୁଖ୍ୟାଳୟ, ନୂଆଦିଲ୍ଲୀର ଡାକରା ଅନୁସାରେ ଏଭଳି ଧର୍ମଘଟରେ କର୍ମଚାରୀମାନେ ସାମିଲ ହୋଇଛନ୍ତି। ଏହା ସହିତ ଦେଶର ବିଭିନ୍ନ ଜାଗାରେ ସର୍ଭେ ଓ ସର୍ଚ୍ଚରେ ମଧ୍ୟ କର୍ମଚାରୀ ଅସହଯୋଗ କରି ଆସୁଛନ୍ତି। ଏହି ଘଟଣାକ୍ରମରେ ଆୟକର କର୍ମଚାରୀ ମହାସଂଘ, ଓଡ଼ିଶା ଶାଖାର କର୍ମଚାରୀ ବୁଧବାର ଷଷ୍ଠ ଦିବସରେ ଭୁବନେଶ୍ୱର ଆୟକର ଭବନ ସମ୍ମୁଖରେ ଧାରଣାରେ ବସିଛନ୍ତି । ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଆୟକର କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । କେ.ଏସ୍.ଏନ. ପାତ୍ର, ରାଧେଶ୍ୟାମ ଗିରି, ଏମ.କେ. ସାଇ, ଲଳିତ ପଣ୍ଡା, ଡି.କେ. ସାହୁ ଓ ସୁରେଶ ମହାପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ନୃସିଂହ ମହାନ୍ତି ପାଇବେ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ନାଟ୍ୟ ଅନୁଷ୍ଠାନ 'ପଞ୍ଚମବେଦ' ପକ୍ଷରୁ ଆସନ୍ତା ୧୪ ତାରିଖରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ ପ୍ରଦାନ ଉତ୍ସବ ହେବ। ୫ଦିନ ଧରି ଭଞ୍ଜକଳା ମଣ୍ଡପରେ ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିନରେ ଡାଇନାମିକ୍ ପ୍ଲାଟଫର୍ମ, ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ନାଟକ 'ଅଭିନେତ୍ରୀ' ମଞ୍ଚସ୍ଥ ହେବ। ୨ୟ ଦିନରେ କଳିଙ୍ଗ କଳା ପରିଷଦ, ରାଉରକେଲାର ନାଟକ 'ହାଇୱେ କୀଳା', ୩ୟ ଦିନରେ ବିଦ୍ୟାକନକ ସୃଜନାନୁଷ୍ଠାନର ନାଟକ 'ଅଲ୍ଲୀ, ଆଲୋକ, ଆଲବର୍ଟ', ଚତୁର୍ଥ ଦିନରେ ବାଲେଶ୍ୱର ସ୍ରଷ୍ଟା ଅନୁଷ୍ଠାନର ନାଟକ 'ହାଟବାହୁଡା' ପରିବେଷଣ ହେବ। ଶେଷ ଦିନରେ ଭୁବନେଶ୍ୱର ମ୍ୟାଜିକ୍ ଥିଏଟର୍‌ର ନାଟକ 'ସୋମରସ' ପରିବେଷଣ କରାଯିବ ବୋଲି ବୁଧବାର ପଞ୍ଚମବେଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଥିଏଟର, ଚଳଚ୍ଚିତ୍ର ଓ ଟେଲିଭିଜନ ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ନୃସିଂହ ମହାନ୍ତିଙ୍କୁ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିସହ ଅଭିନେତା ପ୍ରମୋଦ ଶତପଥି, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ସୁଧାଂଶୁ ଦ୍ୱିବେଦୀ, ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଏବଂ ଅଭିନେତ୍ରୀ ନମିତା ଭଟ୍ଟାଚାର୍ଯ୍ୟଙ୍କୁ 'ପଞ୍ଚମବେଦ ସମ୍ମାନ'ରେ ସମ୍ମାନିତ କରାଯିବ। ସମ୍ମିଳନୀରେ ପଞ୍ଚମବେଦର ସଭାପତି ଅନୁପମ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ହରେନ ସାହୁ, ସମ୍ପାଦକ ପ୍ରକାଶ ମହାରଣା ଉପସ୍ଥିତ ଥିଲେ।

# କୋଭିଡ୍ କଟକଣାରେ ହେବ ଭଜନ ସମାରୋହ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

**ଶ୍ରୀବ୍ରହ୍ମେଶ୍ୱର ମନ୍ଦିର**

ଚଳିତବର୍ଷ ଶ୍ରୀବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରି ପାଳନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ବର୍ତ୍ତମାନର କରୋନା ପରିସ୍ଥିତିକୁ ଲକ୍ଷ୍ୟ ରଖି ଲର୍ଡ଼ ବ୍ରହ୍ମେଶ୍ୱର ଦେବ ଟେମ୍ପଲ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ବିଶେଷ ଆୟୋଜନ କରାଯାଇଛି। ଚଳିତ ବର୍ଷ କୋଭିଡ୍ କଟକଣାକୁ ମାନି ମନ୍ଦିର ପରିସରରେ ଭଜନ ସମାରୋହ ହେବ। ମନ୍ଦିରକୁ ପ୍ରବେଶ ପାଇଁ ହାତ ସାନିଟାଇଜ୍, ସାମାଜିକ ଦୂରତା ରକ୍ଷା ସହ ମାସ୍କ ବାଧ୍ୟତାମୂଳକ କରାଯାଇଛି। ମନ୍ଦିର ଭିତରେ ଆଇନ ଶୃଙ୍ଖଳା ରକ୍ଷା କରିବା ଓ ବାହାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହିବେ। ଜାଗର ଦିନ ଭୋର ସାଢ଼େ ୩ଟାରୁ ସାହାଣ ମେଲା ଦର୍ଶନ କରାଯିବ। ସନ୍ଧ୍ୟା ସାଢ଼େ ୬ଟାରୁ ସାହାଣମେଲା ଦର୍ଶନ ଓ ଭଜନ ସମାରୋହ ଆରମ୍ଭ ହେବ। ରାତି ସାଢ଼େ ୧୦ଟାରେ ମହାଦୀପ ଉଠିବ। ପୂର୍ବତନ କର୍ପୋରେଟର ତଥା ମ୍ୟାନେଜିଂ ଟ୍ରଷ୍ଟି ମଳୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମନ୍ଦିର ଟ୍ରଷ୍ଟି ତଥା ମଧ୍ୟବିଧାୟକ ଅନନ୍ତ ନାରାୟଣ ଜେନା ଅଧ୍ୟକ୍ଷତା କରିବେ। ମନ୍ଦିରର ସୁରକ୍ଷା ପାଇଁ ୧୧ଟି ସିସିଟିଭି କ୍ୟାମେରା ଲଗାଯାଇଛି ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।




ଆସନ୍ତା ୧୫ ଓ ୧୬ ତାରିଖର ବ୍ୟାଙ୍କ ଧର୍ମଘଟକୁ ସଫଳ କରିବା ପାଇଁ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।




ରାଜଧାନୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗରେ ବୁଧବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ନ୍ୟାୟ ପାଇଁ ମହିଳା କମିଶନଙ୍କ ଦ୍ୱାରସ୍ଥ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

**କନ୍ୟା ସନ୍ତାନ ଜନ୍ମ ଦେବାରୁ ଆକ୍ରମଣର ଶିକାର ମିନତି**

**■ଶାଶୁଘର ଲୋକଙ୍କ ବିରୋଧରେ ଅଭିଯୋଗ ଆଣିଲେ**

**■ପୂର୍ବରୁ ଥାନାରେ ଏତଲା ସତ୍ତ୍ୱେ ଚୁପ୍ ବସିଛି ପୋଲିସ**

ଝିଅ-ପୁଅ ସମାନ। ଏପରି କି ଝିଅ ଜନ୍ମ ହେଲେ ଘରକୁ ଲକ୍ଷ୍ମୀ ଆସିଛନ୍ତି ବୋଲି କୁହାଯାଏ। ମାତ୍ର କେତେକ କ୍ଷେତ୍ରରେ ଏହାର ଭିନ୍ନ ଚିତ୍ର ପରିଲକ୍ଷିତ ହେଉଛି। ଏବେ ବି ସମାଜରେ ଝିଅ ଜନ୍ମ ଦେଲେ ମା' ଅତ୍ୟାଚାରର ଶିକାର ହେବାକୁ ପଡୁଛି। ଏପରି ଏକ ଘଟଣା ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଗ୍ରାମରେ ଦେଖିବାକୁ ମିଳିଛି। ଝିଅଟିଏ ଜନ୍ମ ଦେବାରୁ ମିନତି ସେଠୀ ନାମ୍ନୀ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନାନା ପ୍ରକାର ନିର୍ଯାତନା ଦେବା ସହ ଆକ୍ରମଣ କରିଥିଲେ। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରି ନିରାଶ ହେବା ପରେ ଶେଷରେ ନ୍ୟାୟ ପାଇଁ ବୁଧବାର ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୧୫ ଏପ୍ରିଲରେ ମାର୍କୋଣାର ପୀତବାସ ସେଠୀଙ୍କୁ ମିନତି ବିବାହ କରିଥିଲେ। ବିବାହର ଏକ ବର୍ଷ ପର୍ଯ୍ୟନ୍ତ ସବୁ କିଛି ଠିକ ଠାକ୍ ଚାଲିଥିଲା। ପରେ ମିନତିଙ୍କର ଝିଅଟିଏ ଜନ୍ମ ହୋଇଥିଲା। ଫଳରେ ଶାଶୁଘର ଲୋକେ କ୍ଷୁବ୍ଧ ହୋଇଉଠିଥିଲେ। ମିନତିଙ୍କୁ ଶାଶୁ, ଶ୍ୱଶୁର, ନଣନ୍ଦ ମିଶି ବାରମ୍ବାର ହଇରାଣ କରିବା ସହ ମାଡ଼ ମାରିଥିଲେ। ଏ ନେଇ ମିନତି ସିମୁଳିଆ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ଉଭୟ ପକ୍ଷରୁ ଭଦ୍ରଲୋକମାନେ ବସି ସମାଧାନ କରିବା ପରେ ବି ମିନତିଙ୍କ ପ୍ରତି ଅତ୍ୟାଚାର ବନ୍ଦ ହେଲା ନାହିଁ। ୨୦୧୮ରେ ତାଙ୍କୁ ଶାଶୁଘରୁ ବାହାର କରିଦିଆଗଲା। ଫଳରେ ସେ ବାପଘରକୁ ଚାଲିଆସି ପ୍ରାୟ ୧ବର୍ଷ ରହିଲେ। ପରେ ଶ୍ୱଶୁର ଘରକୁ ଫେରିଲେ। ମାର୍ଚ୍ଚ ୭ ତାରିଖରେ ସ୍ୱାମୀଙ୍କ ସମେତ ଶାଶୁଘର ଲୋକ ମିଶି ତାଙ୍କୁ ମାଡ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସେ ମାର୍କୋଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହି ଅଭିଯୋଗକୁ ଚାପି ଦେଇଥିବା ମିନତି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

**ଗାୟତ୍ରୀବାଳା ପଣ୍ଡା ପାଇବେ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'**

ଭୁବନେଶ୍ୱର, (ବ୍ୟୁରୋ): ଭୁବନେଶ୍ୱରର ଭଞ୍ଜଭାରତୀ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସାହିତ୍ୟ ସମାରୋହ। ସୂଚନା ଭବନଠାରେ ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ସାହିତ୍ୟିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ଚଳିତ ବର୍ଷର 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ପ୍ରଥମ ଦିବସରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଉଦ୍ଦେଶ୍ୟରେ 'ଭଞ୍ଜନିକୁଞ୍ଜ', ଦ୍ୱିତୀୟ ଦିବସରେ 'ରାୟରସାୟନ' ଏବଂ ତୃତୀୟ ଦିନରେ 'ରଙ୍ଗାଜୀବ-ଗଙ୍ଗାଧର' ବିଷୟରେ ଆଲୋଚନା କରାଯିବ।

**ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା**

# ଆତ୍ମସନ୍ତୋଷରେ ଅଟକିଗଲେ ହେବ ନାହିଁ

ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

୨୦୦୪ ମସିହାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ଅଧିନିୟମ ଜାରି କରିଥିଲେ ଯେ, ଯେଉଁ ଭାଷା ପ୍ରାଚୀନ, ଅପ୍ରତିହତ ଓ ଅବିଚ୍ଛିନ୍ନ ଭାବେ ମୌଳିକ ସଂସ୍କୃତିକୁ ବହନ କରୁଥିବ ତଥା ସୁଦୀର୍ଘ ସାହିତ୍ୟ ପରମ୍ପରାରେ ସମୃଦ୍ଧ ହୋଇଥିବ ସେହି ଭାଷା ଶାସ୍ତ୍ରୀୟ ପର୍ଯ୍ୟାୟଭୁକ୍ତ ହୋଇପାରିବ। ଏହି କ୍ରମରେ ପ୍ରଥମେ ତାମିଲ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା। ଏହାପରେ ସଂସ୍କୃତ, ତେଲୁଗୁ, କନ୍ନଡ ଓ ମାଲୟାଲମ୍ ଭାଷା ଶାସ୍ତ୍ରୀୟ ପର୍ଯ୍ୟାୟଭୁକ୍ତ ହେଲା। ପରେ ୨୦୧୪ ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଭାଷା ବିଧିବଦ୍ଧ ଭାବେ ଶାସ୍ତ୍ରୀୟ ଭାଷା ଭାବେ ଘୋଷିତ ହୋଇଥିଲା। ପ୍ରାଚୀନ ପୋଥି, ପଥର, ପ୍ରାଚୀନ ଗୁମ୍ଫା, ମନ୍ଦିର ସବୁଠାରେ ଆମ ଭାଷାର ଅଲିଭା ସ୍ୱାକ୍ଷର ଦେଖିବାକୁ ମିଳେ। ଆମ ଲିପି ଓ ଭାଷାର କ୍ରମବିକାଶ ଦେଖିଲେ ପ୍ରମାଣ ମିଳେ ଯେ ଅଢେଇ ହଜାର ବର୍ଷ ତଳର ଓଡ଼ିଆ ଭାଷା ବାସ୍ତବରେ ଅମଳିନ, ଅଦ୍ୱିତୀୟ।

**ଏମାନେ ଯାହା କୁହନ୍ତି....**

### ଭାଷାର ବହୁଳ ବ୍ୟବହାର ହେବା ଆବଶ୍ୟକ



ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ସମ୍ରାଟ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦୟଗିରି ହାତୀଗୁମ୍ଫା ଶିଳାଲେଖଠାରୁ ୧୦୫୧ ଖ୍ରୀଷ୍ଟାବ୍ଦର ଉର୍ବାମ୍ ଶିଳାଲେଖ ପର୍ଯ୍ୟନ୍ତ ଆମ ଲିପିର କ୍ରମବିକାଶ ହୋଇଛି। ଏଥିରୁ ଆମ ଭାଷା ଯେ କେତେ ପ୍ରାଚୀନ ତାହାର ପ୍ରମାଣ ମିଳୁଛି। ତେବେ କେବଳ ମାନ୍ୟତା ମିଳିଗଲେ ହେବ ନାହିଁ, ଭାଷାର ବହୁଳ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଏଥିସହ ଆମର ଆଗାମୀ ପିଢ଼ି କିପରି ଭାଷା ସମ୍ପର୍କରେ ଅବଗତ ରହିବେ ସେ ନେଇ ମଧ ଚେଷ୍ଟା ଜାରି ରହିବା ଦରକାର।

**-ଡ. ଦେବାଶିଷ ମହାପାତ୍ର, ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଭାଷା ପ୍ରଶିକ୍ଷକ**

### ଆହ୍ୱାନର ରୂପ ନେଇ ଅଧିକ କାମ କରିବାକୁ ପଡ଼ିବ



୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ଏହା ଭିତରେ ୭ବର୍ଷ ବିତିଯାଇଛି। ତେବେ ଏହା ମଧ୍ୟରେ ଭାଷାକୁ ନେଇ କୌଣସି ଆଶାନୁରୂପ ଅଗ୍ରଗତି ହୋଇଥିବା ମନେ ହେଉନାହିଁ। ଓଡ଼ିଆ ଭାଷା ସାହିତ୍ୟର ଏକ ବିପୁଳ ଭଣ୍ଡାର ଆମ ପାଖରେ ରହିଛି। ଯାହାକୁ ପ୍ରମାଣିତ କରି ଆମେ ଶାସ୍ତ୍ରୀୟ ମାନ୍ୟତା ପାଇବା ସହ ଗର୍ବ ଅର୍ଜନ କରିଥିଲୁ। ଓଡ଼ିଆ ଭାଷା ଅଢେଇ ହଜାର ବର୍ଷ ପୂର୍ବର ଭାଷା ଏବଂ ଏହାର ଏକ ମୌଳିକତା ରହିଛି। ଯେଉଁ କଥାଗୁଡ଼ିକୁ ଆମେ ସୂଚନାତ୍ମକ ଭାବେ ପ୍ରକାଶ କରିଥିଲୁ ତାହାକୁ ଏବେ ଗବେଷଣା କରିବାର ସମୟ ଆସିଛି। ଏଥିସହ ଆମର ଶାସ୍ତ୍ରୀୟ ଗ୍ରନ୍ଥଗୁଡ଼ିକୁ ଅନୁବାଦ କରି ତାହାକୁ ପ୍ରମାଣ କରିବାକୁ ପଡ଼ିବ। କେବଳ ଗୌରବ ପାଇ ଆତ୍ମସନ୍ତୋଷରେ ରହିଗଲେ ହେବ ନାହିଁ ବରଂ ଏହାକୁ ଏକ ଆହ୍ୱାନର ରୂପ ନେଇ ଅଧିକ କାମ କରିବାକୁ ପଡ଼ିବ।

**-ପ୍ରଫେସର ବସନ୍ତ ପଣ୍ଡା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ**

### ନିଯୁକ୍ତି ପରୀକ୍ଷା ଓଡ଼ିଆରେ ହେଉ



ଓଡ଼ିଆ ଭାଷାର ବ୍ୟବହାର ଧୀରେ ଧୀରେ କମିବା ସହ ଇଂଲିଶ ଭାଷା ପ୍ରତି ଲୋକଙ୍କ ପ୍ରୀତି ବଢୁଛି। ତେଣୁ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ସହ ଏହା ଶିକ୍ଷାର ମାଧ୍ୟମ ହେବା ଆବଶ୍ୟକ। ଅତି କମ୍‌ରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାର ଶିକ୍ଷା ବାଧ୍ୟତାମୂଳକ ଦେବା ଦରକାର। ଓଡ଼ିଆ ଭାଷାରେ ଲେଖା ହୋଇଥିବା ବହୁ ଉପାଦେୟ ଶାସ୍ତ୍ର, ଗ୍ରନ୍ଥକୁ ଇଂଲିଶ ଏବଂ ଅନ୍ୟ ଭାଷାରେ ଅନୁବାଦ କରାଯିବା ଆବଶ୍ୟକ। ଏହାଦ୍ୱାରା ଅଣଓଡ଼ିଆମାନେ ଆମ ଓଡ଼ିଆ ଗ୍ରନ୍ଥ ବିଷୟରେ ଜାଣିବା ସହ ସେମାନେ ଆମ ଭାଷା ଜାଣିବାକୁ ଜିଜ୍ଞାସା ପ୍ରକଟ କରିବେ। ଓଡ଼ିଆ ଭାଷାରେ ଅଧିକ ଗବେଷଣା କରିବା ସହ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡ଼ିକ ଓଡ଼ିଆ ମାଧ୍ୟମରେ ହେବା ଦରକାର।

**-ଡ. କୀର୍ତ୍ତନ ନାରାୟଣ ପାଢୀ, ସଙ୍ଗୀତ ଓ ଭାଷାତତ୍ତ୍ୱବିତ୍**

### ଭାଷାର ପ୍ରସାର ପାଇଁ ଗବେଷଣା ସହ ଭିତ୍ତିଭୂମି ଜରୁରୀ



ପ୍ରତିବର୍ଷ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହେଉଛି ସତ, ମାତ୍ର ଆଜି ପର୍ଯ୍ୟନ୍ତ ଭାଷାର ଉନ୍ନତି ପାଇଁ ସେଭଳି କିଛି ପଦକ୍ଷେପ ନିଆଯାଇ ନାହିଁ। ଭାଷାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ଥର ୧୦୦ କୋଟି ଏବଂ ପ୍ରତିବର୍ଷ ୫କୋଟିର ଅନୁଦାନ ମିଳିବ ବୋଲି ସୂଚନା ଦିଆଯାଇଥଲା। ଗତ ୭ବର୍ଷ ଭିତରେ ୧୩୫ କୋଟି ଟଙ୍କା ମିଳିବା କଥା, ମାତ୍ର ଏହି ଟଙ୍କା ମିଳିଛି କି ନାହିଁ ଅଥବା କେଉଁଥିପାଇଁ ବ୍ୟବହାର ହୋଇଛି ତାହାର କୌଣସି ସୂଚନା ନାହିଁ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅଧିକ ଗବେଷଣା ସହ ଭିତ୍ତିଭୂମିର ଆବଶ୍ୟକତା ରହିଛି।

**-ଦିଲୀପ ଦାଶ ଶର୍ମା, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା, ସଭାପତି**

**ସଂକ୍ଷେପରେ**

## ଜେଇଇ ମେନ୍‌ରେ ମଦର୍ସ ପବ୍ଲିକ୍ ସ୍କୁଲର ସଫଳତା

**ଭୁବନେଶ୍ୱର, ୧୦।୩(ବ୍ୟୁରୋ):** ଜେଇଇ ମେନ୍ ପରୀକ୍ଷାରେ ମଦର୍ସ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଲଗ୍ନେଶ ମହାପାତ୍ର ୯୯.୭୬୨ ପର୍ସେଣ୍ଟାଇଲ୍ ରଖି ସ୍କୁଲ୍‌ର ସର୍ବାଧିକ ସ୍କୋର ହାସଲ କରିଥିବାବେଳେ ୯୯.୨୭୭ ପର୍ସେଣ୍ଟାଇଲ୍ ସହ ସୌଦିତି ରାଉତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଶ୍ୱିନୀ ବିଶ୍ୱାଳ, କେତନ ଅଗ୍ରୱାଲ୍, ଆୟୁଷ୍ମାନ କର, ଆଦିତ୍ୟ ମିତ୍ର ଓ ଶର୍ମିଷ୍ଠା ସୁଭଦର୍ଶିନୀ ୯୭ ପର୍ସେଣ୍ଟାଇଲ୍‌ରୁ ଅଧିକ ସ୍କୋର ହାସଲ କରିଛନ୍ତି। ସ୍କୁଲର ମୋଟ ୩୮ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲ୍‌ରୁ ଅଧିକ ସ୍କୋର ରଖିଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅଧକ୍ଷା ପଲି ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ଶିକ୍ଷାରେ ଉତ୍କର୍ଷକୁ ଉଚ୍ଚତର ସ୍ତରକୁ ନେବାରେ ଏହା ସ୍କୁଲ୍ ପାଇଁ ଶ୍ରେଷ୍ଠ ପ୍ରେରଣା ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତ କରିଛନ୍ତି।

## ଦୂରସଞ୍ଚାର ବିଭାଗ ପକ୍ଷରୁ ମୋବାଇଲ ସେବା ପରୀକ୍ଷା

**କଟକ ଅଫିସ, ୧୦।୩:** ଦୂରସଞ୍ଚାର ବିଭାଗ ପକ୍ଷରୁ କଟକ ସହରରେ ଥିବା ସମସ୍ତ ଟେଲିକମ ସଂସ୍ଥାର ମୋବାଇଲ ନେଟ୍‌ୱର୍କ ମାନ ପରୀକ୍ଷା ବୁଧବାର ହୋଇଥିଲା। ସିନିୟର ଡାଇରେକ୍ଟର ରତନ ଘୋଷଙ୍କ ନେତୃତ୍ୱରେ ୫ ଜଣ ଡାଇରେକ୍ଟର ଏୟାରଟେଲ, ଜିଓ, ଭିଆଇ ଏବଂ ବିଏସ୍‌ଏନ୍‌ଏଲ୍ ଅପରେଟରମାନଙ୍କ ନେଟୱର୍କ ପରୀକ୍ଷା କରିଥିଲେ। ସହରର ବାଦାମବାଡି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ହାଇକୋର୍ଟ, ଷ୍ଟାଡିୟମ ଏବଂ ସିଡିଏ ସମେତ ସହରର ମୁଖ୍ୟ ରାସ୍ତାରେ ନେଟୱର୍କ କ୍ୱାଲିଟି ଅଫ ସର୍ଭିସ ପରୀକ୍ଷା କରାଯାଇଥିଲା।




ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ସିଆଇଟିୟୁ କଟକ ଜିଲା କମିଟି ପକ୍ଷରୁ ବୁଧବାର କଟକ ପ୍ରେସ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ।

## ରୁଚି ଶ୍ରେଷ୍ଠ ଷ୍ଟଲ୍ ଭାବେ ସମ୍ବର୍ଦ୍ଧିତ

କଟକ ଅଫିସ, ୧୦।୩





**ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ମେଳା**

ଭୁବନେଶ୍ୱର ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ମେଳା-୨୦୨୧'ରେ ରୁଚି ଶ୍ରେଷ୍ଠ ଷ୍ଟଲ୍ ଭାବେ ଯୋଗ୍ୟ ବିବେଚିତ ହୋଇଛି। ଏଥିପାଇଁ ପ୍ରଦର୍ଶନୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ରୁଚି ଉଦ୍ୟୋଗକୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ମେଳାରେ ରୁଚିର ସମୟାନୁବର୍ତ୍ତିତା, ଆକର୍ଷଣୀୟ ଷ୍ଟଲ୍, ଉତ୍ତମ ପରିଚାଳନା, ଦର୍ଶକୀୟ ପସନ୍ଦ ଓ ସ୍ୱତନ୍ତ୍ର ଆତିଥେୟତା ପାଇଁ ଏହି ପୁରସ୍କାର ମିଳିଛି। ଏହି ଅନ୍ତର୍ଜାତୀୟ ମେଳାରେ ରୁଚି ଷ୍ଟଲ୍‌କୁ ଗତ ୫ ତାରିଖରେ ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ନିର୍ଦ୍ଦେଶିକା ରଶ୍ମି ସାହୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ରୁଚି ଷ୍ଟଲ୍ ଗ୍ରାହକଙ୍କୁ ଆକର୍ଷିତ କରିଥିଲା। ଗତ ୮ତାରିଖରେ ରୁଚି ଷ୍ଟଲ୍ ପରିଦର୍ଶନ ପାଇଁ ଆମେରିକାରୁ ଓଡ଼ିଆ ଉଦ୍ୟୋଗୀ ସୋମଦତ୍ତ ବେହେରା ଓ ତାଙ୍କ ସାଥୀମାନେ ଆସିଥିଲେ। ଆଗାମୀ ଦିନରେ ରୁଚି ସହ ଅନୁବନ୍ଧିତ ହୋଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଆଗେଇ ନେବାକୁ ପ୍ରତିଶ୍ରୁତି ମଧ ଦେଇଥିଲେ। ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ, ସୂଚନା ଅଧିକାରୀ ଡ. ନୀହାର ରଞ୍ଜନ ସାହୁ, ଆଇଟି ହେଡ୍ ସୁରେନ୍ଦ୍ର ମହାନ୍ତି ଓ ଆଲୋକ ଦାସ ପ୍ରମୁଖ ସହଯୋଗ କରିଥିଲେ। ହ୍ୱାଇଟ୍ କାନଭାସ୍ ଇଭେଣ୍ଟସ୍ ପକ୍ଷରୁ ଏହି ଷ୍ଟଲ୍ ନିର୍ମାଣ କରାଯାଇଥିଲା।

## ଥଇଥାନ ନ କରି ଉଚ୍ଛେଦ କଲେ ଜୀବିକା ହରାଇବେ ବସ୍ତିବାସିନ୍ଦା

କଟକ ଅଫିସ, ୧୦।୩

ଥଇଥାନ ବ୍ୟବସ୍ଥା ନ କରି ତାଳଦଣ୍ଡା କେନାଲ ପାର୍ଶ୍ୱ ବସ୍ତିଗୁଡିକୁ ଉଚ୍ଛେଦ କରାଗଲେ ବସ୍ତିବାସିନ୍ଦା ଜୀବିକା ହରାଇବେ। ଏହି ବସ୍ତି ଅଞ୍ଚଳର ପିଲାମାନେ ରାଣୀହାଟ ସ୍କୁଲ, ରେଲୱେ ସେଟଲମେଣ୍ଟ ସ୍କୁଲ, ବଳଭଦ୍ରପୁର (ଛତ୍ରବଜାର) ସ୍କୁଲରେ ପାଠ ପଢନ୍ତି। ବସ୍ତି ଉଚ୍ଛେଦ ହେଲେ ସେଠାରେ ରହୁଥିବା ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବ। ସେହିପରି ବସ୍ତି ଅଞ୍ଚଳ ଜାଗାଗୁଡିକୁ ଖାଲି କରି ଘରୋଇ ସଂସ୍ଥାଗୁଡିକୁ ଦେବାକୁ ଯୋଜନା ଚାଲିଛି। ଏଥିସହ କୋର୍ଟରେ ମହାନଗର ନିଗମ ଦେଇଥିବା ସତ୍ୟପାଠରେ ଅସତ୍ୟ କଥା କୁହାଯାଇଛି। କେବେ ସ୍ଥାୟୀ ଥଇଥାନ ଓ ପିଲାଙ୍କ ପାଠପଢାର ବ୍ୟବସ୍ଥା କରାଯିବ ସେ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି କୁହାଯାଇନାହିଁ। ଏଭଳି ବୈମାତୃକ ମନୋଭାବ ବିରୋଧରେ ବସ୍ତିବାସିନ୍ଦା ସିଏମ୍‌ସି କାର୍ଯ୍ୟାଳୟ ଘେରିବେ ବୋଲି ଗାନ୍ଧୀଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଗଠନର ଆବାହକ ଖଗେଶ୍ୱର ସେଠୀ, ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱାବସୁ ଦାସ, ବସ୍ତିନେତା ଦୀପକ ଦାସ, ସସ୍ମିତା ମହାନ୍ତି, ସ୍ୱାଧୀନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଲାପ୍‌ଟପ୍, ମୋବାଇଲ ଜବତ: ୨ ଗିରଫ

କଟକ ଅଫିସ, ୧୦।୩

ଚୋରି କରିବା ଓ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ସିଡିଏ ଫେଜ-୨ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଙ୍ଗଳାବାଗ ଥାନା ଅଧୀନ ହାଡିଆପଠା ଅଞ୍ଚଳର କୃଷ୍ଣଚନ୍ଦ୍ର ମହାରଣା (୨୬) ଓ ଜଗତ୍‌ପୁର ଇମାମନଗର ଅଞ୍ଚଳର ସାଗର ଦାସ(୩୩)। ସେମାନଙ୍କଠାରୁ ୫ଟି ଲାପଟପ୍, ୧୦ଟି ମୋବାଇଲ ଫୋନ, ୩ଟି ଏଲ୍‌ଇଡି ଟିଭି, ଗୋଟିଏ ଡିଜିଟାଲ କ୍ୟାମେରା ଓ ୪ଟି ହାତଘଣ୍ଟା ଜବତ କରାଯାଇଥିବା ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ କହିଛନ୍ତି। ଡିସିପିଙ୍କ ସୂଚନା ଅନୁଯାୟୀ, ସିଡିଏ ଫେଜ୍-୨ ଥାନାରେ ଗତ ଜାନୁୟାରୀ ୧୮ ତାରିଖରେ ଲାପ୍‌ଟପ୍ ଓ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପରେ ପୋଲିସ ତଦନ୍ତ କରି ଏହି ଘଟଣାରେ କୃଷ୍ଣଚନ୍ଦ୍ରଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏଥିସହ ଉକ୍ତ ଚୋରି ସାମଗ୍ରୀ କିଣିବା ଘଟଣାରେ ସାଗରଙ୍କୁ ମଧ ପୋଲିସ ଗିରଫ କରିଛି। କୃଷ୍ଣଚନ୍ଦ୍ରଙ୍କ ନାଁରେ ଲାଲ୍‌ବାଗ ଥାନାରେ ୩, ସିଡିଏ ଫେଜ-୨ ଥାନାରେ ୧୦, ମର୍କତନଗର ଥାନାରେ ୨ ଓ ବିଡାନାସୀ ଥାନାରେ ଗୋଟିଏ ମାମଲା ରହିଥିବା ଡିସିପି ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଲାପ୍‌ଟପ୍ ଓ ଅନ୍ୟ ସାମଗ୍ରୀ।

## ୨ ଡକାୟତି ଯୋଜନା : ୯ ଗିରଫ

**ବନ୍ଧୁକ, ଗୁଳି, ମାରଣାସ୍ତ୍ର, ସୁନା ଅଳଙ୍କାର ଜବତ**

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ରାଜଧାନୀରେ ଗତ ୨୪ଘଣ୍ଟା ମଧ୍ୟରେ ୨ ଥାନାର ସ୍ପେଶାଲ ସ୍କ୍ୱାଡ୍ ଦୁଇଟି ଡକାୟତି ଯୋଜନା ପଣ୍ଡ କରିବା ସହ ଦୁଇଟି ଗ୍ୟାଙ୍ଗର ୯ ଜଣଙ୍କୁ ଗିରଫ କରିଛି। ଭରତପୁର ଥାନା ଓ ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଅଭିଯୁକ୍ତମାନେ ପୃଥକ ପୃଥକ ସ୍ଥାନରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସ୍ପେଶାଲ୍ ସ୍କ୍ୱାଡ୍ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସେମାନଙ୍କ ମଧ୍ୟରୁ ଭରତପୁର ଥାନା ପୋଲିସ ୫ ଓ ଶ୍ରୀଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବନ୍ଧୁକ, ଗୁଳି, ଲୁହାରଡ, ମଦବୋତଲ, ଲଙ୍କାଗୁଣ୍ଡ ଓ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭରତପୁର ସତ୍ୟନଗରର ପ୍ରଶାନ୍ତ ପ୍ରଧାନ ଓରଫ ବୁଡୁ, ସୁଶାନ୍ତ ମହାନ୍ତି, ରାଜେଶ କୁମାର ଗହଣ, ଖଣ୍ଡଗିରି ଡୁମୁଡୁମାର କୃଷ୍ଣଚନ୍ଦ୍ର ଦାଶ ଓ ନୟାପଲ୍ଲୀ ଆଇଆର୍‌ସି ଭିଲେଜର ସ୍ମୃତିରଞ୍ଜନ ମଣ୍ଡଳ, ଲକ୍ଷ୍ମୀସାଗର ହଳଦୀପଡ଼ିଆ ବସ୍ତିର ବେଣୁଧର ଦାଶ, ସୁକାନ୍ତ ନାୟକ, ଅଜିତ ବେପାରୀ ଏବଂ ଲକ୍ଷ୍ମୀସାଗର ତଳସାହିର ରାଜକିଶୋର ସିଂ। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ଏ ନେଇ ଉଭୟ ଥାନା ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଗରାବନ୍ଧୁ ମଶାଣି ପଡ଼ିଆରେ ୪ଜଣ ବସି ଡକାୟତି ଯୋଜନା କରୁଥିଲେ। ସୂଚନା ପାଇ ଶ୍ରୀଲିଙ୍ଗରାଜ ଥାନା ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢାଉ କରିଥିଲା। ସମସ୍ତଙ୍କୁ ଧରିବା ସହ ୨ଟି ଲୁହାରଡ, ଖଣ୍ଡା, ୪ଟି ବିଅର ବୋତଲ୍, ବାଇକ, ଏକ ହଳ ସୁନା କାନଫୁଲ, ୪ କାନଫୁଲ, ୪ନାକଫୁଲ ଜବତ କରିଛି। ସେହିପରି ଭରତପୁର ଥାନା ଅନ୍ତର୍ଗତ ବୀଣା ଭାରତୀ ପଡ଼ିଆରେ କେତେଜଣ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ଜଣେ ବ୍ୟକ୍ତି ପୋଲିସକୁ ଖବର ଦେଇଥିଲେ। ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ଛୁରି, ଲୁହାରଡ ଜବତ କରାଯାଇଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୁଲୁ



@ ସରୋଜ



@ ବିଶ୍ୱରଞ୍ଜନ



@ ନିରଝରୀ



@ ରମେଶ



@ ଲକ୍ଷ୍ମୀକାନ୍ତ



@ ରମାକାନ୍ତ



@ ରବିନାରାୟଣ

## ୨୨ ଖଣ୍ଡ ଚନ୍ଦନକାଠ ଜବତ: ଅଭିଯୁକ୍ତ ଗିରଫ

କଟକ ଅଫିସ, ୧୦।୩

ଚନ୍ଦନକାଠ ଚୋରା ଚାଲାଣ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀ ବିଶ୍ୱନାହାକାଣି ଗ୍ରାମର ରସାନନ୍ଦ ସାହୁ(୪୫)। ଏ ନେଇ କଟକ ଡିସିପି ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ କହିଛନ୍ତି, ମଙ୍ଗଳବାର ଚୌଦ୍ୱାର ଥାନା ଏସ୍‌ଆଇ ପାର୍ଥ ପ୍ରତିମ ବେଉରା ବିଶ୍ୱନାହାକାଣି ଗାଁରେ ଚଢ଼ାଉ କରିଥିଲେ। ସେଠାରୁ ରସାନନ୍ଦଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୨ ଖଣ୍ଡ ଚନ୍ଦନକାଠ ଜବତ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଡିସିପି ସୂଚନା ଦେଇଛନ୍ତି।

## ବାଡ଼ ଉଠାକୁ ନେଇ ମା ଝିଅଙ୍କୁ ଆକ୍ରମଣ

**ଅସ୍ତରଙ୍ଗ,(ଡି.ଏନ୍.ଏ.):** ଅସ୍ତରଙ୍ଗ ଥାନା ପାଟସୁନ୍ଦରପୁର ଗ୍ରାମରେ ଏକ ବାଡ଼ ଉଠାକୁ ନେଇ ବୁଧବାର ମା'ଝିଅଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗ୍ରାମର ସୁରେନ୍ଦ୍ର ଦଳାଇ ଘର ଆଗରେ ସେହି ଗ୍ରାମର ଅନିରୁଦ୍ଧ ଦଳାଇ ବାଡ଼ ଉଠାଉଥିଲେ। ଏହାକୁ ନେଇ ସୁରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅନିରୁଦ୍ଧ ଓ ତାଙ୍କ ପରିବାରରୁ ୩ଜଣ ଆସି ସୁରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। କଲେଜରୁ ଫେରୁଥିବା ସୁରେନ୍ଦ୍ରଙ୍କ ଝିଅ ଏହାଦେଖି ରୋକିବାରୁ ତାଙ୍କୁ ମଧ ମାଡ଼ ମାରିଥିଲେ। ଏ ନେଇ ସୁରେନ୍ଦ୍ର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନିରୁଦ୍ଧଙ୍କ ପରିବାର ପକ୍ଷରୁ ମଧ ଥାନାରେ ଏକ ଅଭିଯୋଗ ହୋଇଛି।

# ଗମ୍ଭୀରା ଭିତରକୁ ପ୍ରବେଶ ମନା

## ଆଜି ଶ୍ରୀଲୋକନାଥ ପୀଠରେ ଜାଗରଯାତ୍ରା

ପୁରୀ ଅଫିସ,୧୦।୩

କୋଭିଡ୍ କଟକଣା ମଧ୍ୟରେ ଗୁରୁବାର ଶ୍ରୀଲୋକନାଥଙ୍କ ପୀଠରେ ଜାଗରଯାତ୍ରା ଅନୁଷ୍ଠିତ ହେବ। କଟକଣା ମାନି ଭକ୍ତମାନେ ଶ୍ରୀଲୋକନାଥ ଦେବଙ୍କୁ ଦର୍ଶନ କରିବାକୁ ଥିବାବେଳେ ମନ୍ଦିର ପ୍ରଶାସନ କମିଟି ପକ୍ଷରୁ ଗମ୍ଭୀରା ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି। ଗୁରୁବାର ରାତ୍ର ୧୨ଟା ୩୦ ମିନିଟ୍ ସମୟରେ ରାତ୍ର ପହୁଡ଼ ଦ୍ୱାର ଖୋଲିବ। ରାତ୍ର ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ନୀତି ଓ ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହେବ। ଏହାପରେ ଭୋର୍ ୪ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇ ରାତ୍ର ୧୦ଟା ପର୍ଯ୍ୟନ୍ତ ଚାଲୁ ରହିବ। ୧୦ଟା ପରେ ଦର୍ଶନ ବନ୍ଦ ହୋଇ ଲୋକନାଥ ଦେବଙ୍କର ନୀତିକାନ୍ତି ଆରମ୍ଭ ହୋଇ ପାଖାପାଖି ରାତ୍ର ୨ଟା ପର୍ଯ୍ୟନ୍ତ ଚାଲିବ। ରାତ୍ର ୨ଟାରୁ ୩ଟା ମଧ୍ୟରେ ହରିହର ପୂଜାଭୋଗ ସମ୍ପନ୍ନ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ଭୋଗ ଓ ମହାଦୀପ ପ୍ରଜ୍ୱଳନ ହେବ। ଉଲ୍ଲେଖଯୋଗ୍ୟ, ଶ୍ରୀଶ୍ରୀ ଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ଜଗନ୍ନାଥ ମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ରାତ୍ର ୧୧ଟା ୩୦ ମିନିଟ୍ ସମୟରେ ଲୋକନାଥ ମନ୍ଦିରରେ ପହଞ୍ଚିବେ। ଅନ୍ୟପକ୍ଷେ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବା ସହ ମନ୍ଦିରଠାରୁ ୨ଶହ ମିଟରକୁ ଯାନବାହନ ନିଷିଦ୍ଧାଞ୍ଚଳରେ ପରିଣତ କରାଯାଇଛି। ଏପରିକି କୌଣସି ଦୋକାନ ବଜାରର ଆସର ବସିବ ନାହିଁ। ଧାଡ଼ି ଦର୍ଶନକୁ ଗୁରୁତ୍ୱ ଦିଆଯିବା ସହ ଆପରାଧିକ କାର୍ଯ୍ୟକଳାପକୁ ଟ୍ରାକ୍ କରିବା ନେଇ କଡ଼ା ନଜର ରଖାଯାଇଥିବା ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ଜଣେ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର, ୪୦ଜଣ ଅଫିସର, ୨ଶହ ହୋମଗାର୍ଡ ଓ ଶହେ କନଷ୍ଟେବଲଙ୍କୁ ଜାଗର ଯାତ୍ରା କାର୍ଯ୍ୟରେ ନିୟୋଜିତ କରାଯିବ। ସେହିଭଳି ଅଗ୍ନିଶମ ବାହିନୀ ଓ ଡାକ୍ତରୀ ଟିମ୍ ମଧ୍ୟ ଘଟଣାସ୍ଥଳରେ ମହଜୁଦ ରହିବେ।



କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶିବରାତ୍ରି ଉପଲକ୍ଷେ ସରିତା ଓ ଶିଳ୍ପା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ସଂକ୍ଷେପରେ

### ୬ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ସଦର,୧୦।୩(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ଫକୀରପଡା ପଞ୍ଚାୟତରେ ୬ଟି ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ୧ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାର୍କେଟ କମ୍ପ୍ଲେକ୍ସ, ବିଦ୍ୟାଳୟ ଗୃହ, କୋଠଘର ଓ ରାସ୍ତା ଆଲୋକୀକରଣ ପ୍ରକଳ୍ପ ଆଦି ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ଯତୀନ କୁମାର ରାଉଳ, ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ପ୍ରମୋଦ ମହାପାତ୍ର, ମାନସୀ ସାହୁ, ହିମାଂଶୁ ଦାସ, ବାବୁଲି ସାହୁ ଓ କିଶୋର ସାହୁ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସାର୍ଟିଫିକେଟ ବିତରଣ ଉତ୍ସବ

**କଟକ ଅଫିସ, ୧୦।୩:** କଟକ ବିଡାନାସୀସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରେ ଡାଟାପ୍ରୋ ପକ୍ଷରୁ ସାର୍ଟିଫିକେଟ ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହେଇଯାଇଛି। ଶାଖା ପରିଚାଳକ ତପନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ ଯୋଗଦେଇ ଆତ୍ମନିର୍ଭରଶୀଳ ଏବଂ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦିକା ପ୍ରତିଭା ଶତପଥୀ, ସାମାଜିକ କର୍ମୀ ଯୋଗେନ୍ଦ୍ର ଭୋଇ, ଜିଲା ନିୟୋଜନ କାର୍ଯ୍ୟାଳୟର କାଉନ୍‌ସିଲର ଶୁଭ୍ରା ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବିଷ୍ଣୁ ପ୍ରସାଦ ମଲ୍ଲିକ, ନିର୍ଭୟାନନ୍ଦ ମହାପାତ୍ର, ଲକ୍ଷ୍ମୀଧର ଜେନା, ଦେବେନ୍ଦ୍ର ବେହେରା ଓ ସୁବ୍ରତ ସେନାପତି ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

**କଟକ ସଦର,୧୦।୩(ଡି.ଏନ.ଏ.):** କଟକ ସଦର ଥାନା ଅଧୀନ କୁରାଙ୍ଗପ୍ରଧାନ ଗ୍ରାମରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ କଟକ ଶାଖାର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ପ୍ରତିଭା ରାୟ, ବିଶିଷ୍ଟ ଅତିଥି ଭାବେ ଆଇପିଏସ୍ ଅରୁଣ ଉପାଧ୍ୟାୟ, ରାଜେନ୍ଦ୍ର ସାମଲ ଓ ସୁଜ୍ଞାନ ଚୌଧୁରୀ ଯୋଗଦେଇଥିଲେ। ଏହି ଉତ୍ସବରେ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କଟକ ଜିଲା ସଭାପତି ଲଳିତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରଦୀପ୍ତ ପାତ୍ର ବିବରଣୀ ପାଠ ଓ ବିନୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଗ୍ରନ୍ଥକାର ଶ୍ରୀ ସନ୍ନ୍ୟାସୀ ଓ ଆଇନଜୀବୀ କବି ନାରାୟଣ ଜେନା ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ୧୦ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶ

**ଖୁଣ୍ଟୁଣୀ,୧୦।୩(ଡି.ଏନ.ଏ.):** ଉତ୍କଳ ସାମ୍ବାଦିକ ସଂଘ ସହ ଅନୁବନ୍ଧିତ କଟକ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆଠଗଡ଼ ବ୍ଲକ ମାଧବପୁରସ୍ଥିତ ଗୋପବନ୍ଧୁ ଚିକିତ୍ସାଳୟଠାରେ ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଟକ ଜିଲା ସାମ୍ବାଦିକ ସଂଘ ସଭାପତି ଲଲାଟେନ୍ଦୁ ସେନାପତି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ, ମୁଖ୍ୟବକ୍ତା ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଡ. ଜିମୂତ ମଙ୍ଗରାଜ, ସମ୍ପାଦକ ବେଣୁଧର ପଣ୍ଡା, ଭାରତୀୟ ପେସାଦାର ସାମ୍ବାଦିକ ମହାସଂଘର ସଦସ୍ୟ ପ୍ରଭାକର ଶିରୋମଣି, ସୁକିନ୍ଦା ପ୍ରେସ୍‌କ୍ଲବ ସଭାପତି ବିଶ୍ୱଜିତ୍ ନାୟକ, ଉପସଭାପତି ବିନାୟକ ମିଶ୍ର ଓ ସୌମ୍ୟକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟଅତିଥି ରଥ, ଡ. ମଙ୍ଗରାଜ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଶେଷ ଭାବେ ଖବରକାଗଜ ଓ ଖବରଦାତାଙ୍କ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା। ସୁଜିତ୍ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ



## ମଣ୍ଡିରୁ ଉଠୁନି ଧାନ

ବଡ଼ମ୍ବା,୧୦।୩ (ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଗୋପପୁରସ୍ଥିତ ସମବାୟ ସମିତିର ଧାନମଣ୍ଡିରୁ ଧାନ ନ ଉଠିବାରୁ ଚାଷୀମାନେ ବୁଧବାର ଗୋପପୁରଛକଠାରେ ରାସ୍ତାରେ ଧାନ ବସ୍ତା ରଖି ରାସ୍ତାରୋକୋ କରିଥିଲେ। ଚାଷୀମାନେ ଧାନ ବିକିବାକୁ ଟୋକନ୍ ପାଇଥିଲେ ମଧ୍ୟ ପ୍ରଶାସନିକ ଅବ୍ୟବସ୍ଥା ଲାଗି ସେମାନଙ୍କ ଧାନ ମଣ୍ଡିରୁ ଉଠୁ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ଗୋପପୁର ସେବା ସମବାୟ ସମିତି ଅଧୀନରେ ଥିବା ୬ ପଞ୍ଚାୟତର ଚାଷୀ ରାସ୍ତା ଉପରେ ଧାନ ବସ୍ତା ରଖି କଟକ-ନରସିଂହପୁର ମୁଖ୍ୟ ରାସ୍ତାର ଗୋପପୁରଛକଠାରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ, ବଡ଼ମ୍ବା ତହସିଲଦାର ଦେବଦତ୍ତ ମହନ୍ତ, ସମବାୟ ନିରୀକ୍ଷକ ସୁରେଶ କୁମାର ବେଉରା ଓ ପୋଲିସ ଅଧିକାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଧାନ ଉଠିବାକୁ ଶୀଘ୍ର ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଉକ୍ତ ଆନ୍ଦୋଳନରେ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସାହୁ, ବଡ଼ମ୍ବା ନବନିର୍ମାଣ କୃଷକ ସଂଘ ସଭାପତି ବୈଷ୍ଣବ ଜେନା, ଚାଷୀମାନେ ସାମିଲ ହୋଇଥିଲେ।

# ୨୯୧ ହିତାଧିକାରୀଙ୍କୁ ଭତ୍ତା ଦେଲେ ମନ୍ତ୍ରୀ

ନିମାପଡ଼ା,୧୦।୩(ଡି.ଏନ୍.ଏ.)

ରାଜ୍ୟ ସରକାର ଚଳିତ ବଜେଟରେ ବିଭିନ୍ନ ଭତ୍ତା ଦେବା ବାବଦରେ ୩ଶହ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜକ ଏକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ବଜେଟ ଅଧିବେଶନର ୨ମାସ ପରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି। ରାଜ୍ୟର କୌଣସି ବାର୍ଦ୍ଧକ୍ୟ ବ୍ୟକ୍ତି, ବିଧବା, ଅସହାୟ ମହିଳା, ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହେବେ ନାହିଁ। ଏହି ମେଳାରେ ସମ୍ମାନିତ ଅତିଥି ଭାବେ ବିଡିଓ ମନୋଜ ବେହେରା, ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଉପାଧକ୍ଷ ଅଜୟ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୂର୍ଣ୍ଣିମା ବେହେରା ପ୍ରମୁଖ ଯୋଗଦେଇଥିଲେ। ମେଳାରେ ନୂତନ ଭାବେ ୧୦୫ ଦିବ୍ୟାଙ୍ଗ, ୧୦୧ ବିଧବା ମହିଳା, ୬୬ଜଣ ବୃଦ୍ଧାବୃଦ୍ଧ, ୧୧ଜଣ ସ୍ୱାମୀ ପରିତ୍ୟକ୍ତା ମହିଳା, ୮ଜଣ ବୟସାଧିକ ଯୁବତୀ ମୋଟରେ ୨୯୧ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। ମେଳାରେ ସରପଞ୍ଚ, ସମିତିସଭ୍ୟ, ପିଇଓ, ବ୍ଲକ କର୍ମଚାରୀମାନେ ଯୋଗଦେଇଥିଲେ।

# ବ୍ଲକ ଅଫିସ୍ ଆଗରେ ଭାଜପାର ଧାରଣା

କଣାସ,୧୦।୩(ସ୍ୱ.ପ୍ର.)



ଭାଜପା କର୍ମୀମାନେ କଣାସ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି।

କଣାସ ବ୍ଲକରେ ଖାଉଟି ସାମଗ୍ରୀ ବଣ୍ଟନରେ ହଡ଼ପ, ଫନୀ ସହାୟତାରେ ଅନିୟମିତତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଭାଜପା ନେତା ଓମପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକରୁ ଊର୍ଦ୍ଧ୍ୱ କର୍ମୀ ଗଣଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବ୍ଲକରେ ଅଧିକାଂଶ ହିତାଧିକାରୀ ଫନୀ ସହାୟତା ନ ପାଇବା, କୋଭିଡ ସମୟରେ କେନ୍ଦ୍ରରୁ ଆସିଥିବା ୮ମାସର ଚାଉଳ, ଡାଲି, କିରୋସିନ ଇତ୍ୟାଦି ହଡ଼ପ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରକୃତ ହିତାଧିକାରୀଙ୍କୁ ନ ବାଣ୍ଟିବା । ଇତ୍ୟାଦି ଅଭିଯୋଗ କରିଛନ୍ତି। ଏହାକୁ ପ୍ରତିବାଦ କରି ଭାଜପା ଦଳ ପକ୍ଷରୁ କର୍ମୀମାନଙ୍କ ସହ ଶୋଭାଯାତ୍ରାରେ ବାହାରି କଣାସ ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି। ସେଠାରେ ବରିଷ୍ଠ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟା ମନୋସ୍ମିତା ଖୁଣ୍ଟିଆ, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ସୁଶୀଲକାନ୍ତ ରାଉତ, ଶଙ୍କର ପରିଡ଼ା, ପ୍ରସନ୍ନ ପଟ୍ଟନାୟକ, ଲକ୍ଷ୍ମୀଧର ଜଗଦେବ, ଗଡ଼ବଳଭଦ୍ରପୁର ସରପଞ୍ଚ ସଂଗ୍ରାମ ପାଇକରାୟ, ସମିତିସଭ୍ୟ ସୁକାନ୍ତ ବଳିୟାରସିଂହ, ଦେବେନ୍ଦ୍ର ମିଶ୍ର, ଧବଳେଶ୍ୱର ନାୟକ, ଗଡସାନପୁଟ ସରପଞ୍ଚ ସଚ୍ଚିକାନ୍ତ ଛୋଟରାୟ, ମଣ୍ଡଳ ସଭାପତି ରାମଚନ୍ଦ୍ର ବେହେରା, ଭଗବାନ ସୁବୁଦ୍ଧି, ଅଜୟ ପ୍ରଧାନ, ଲତାମଣୀ ଜଗଦେବ ଉପସ୍ଥିତ ଥିଲେ। ବିଶ୍ୱଜିତ୍ ବଡ଼ଜେନା ସଭା ପରିଚାଳନା କରିଥିଲେ।

# ବିଚାର ଭାରତୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ବିଚାର ଭାରତୀ ଟ୍ରଷ୍ଟର 'ଶ୍ରୀ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ପାଣିଟାଙ୍କି ବସ୍ତିରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଦନ୍ତ ବିଭାଗ ଡାକ୍ତର ପଜ୍ଞାପାରମିତା ମିଶ୍ର ଏବଂ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ମୋନାଲୀ ପଟ୍ଟନାୟକ ଯୋଗ ଦେଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲା ଏବଂ ବଡ଼ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କୁ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା। ବସ୍ତି ଅଞ୍ଚଳରେ ବାସ କରୁଥିବା ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ମା'ବାପାମାନେ ଗୁରୁତ୍ୱ ଦେଉ ନ ଥିବାରୁ ଚର୍ମରୋଗରେ ଅନେକ ଶିଶୁ ପୀଡ଼ିତ ଥିବା ଜଣାପଡ଼ିଥିଲା। ସେମାନଙ୍କ ଆବଶ୍ୟକ ଯତ୍ନ ନେବାକୁ ଡାକ୍ତର ମିଶ୍ର ଓ ପଟ୍ଟନାୟକ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏପରି କି କିଛି ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ମଧ ଦେଖିବାକୁ ମିଳିଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ଟ୍ରଷ୍ଟର ସମ୍ପାଦିକା ପ୍ରୀତିଛନ୍ଦା ଧଳ ପରିଚାଳନା କରିଥିବାବେଳେ ପ୍ରକାଶ ସେଠୀ, ବବିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ୨ ସ୍କୁଲ ବୁଲିଲେ ମୋ ସ୍କୁଲ ଅଭିଯାନ ଟିମ୍

ପିପିଲି,୧୦।୩(ସ୍ୱ.ପ୍ର.)

ମୋ ସ୍କୁଲ ଅଭିଯାନକୁ ସଫଳ କରିବା ପାଇଁ ଏକ ୫ଜଣିଆ ଟିମ୍ ବୁଧବାର ପିପିଲି ଗସ୍ତରେ ଯାଇ ସେଠାକାର ୨ଟି ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଦଳ ପ୍ରଥମେ ପିପିଲି ଗୋବିନ୍ଦପୁର ପଞ୍ଚାୟତର ଆରୁହା ୟୁଜିୟୁପି ସ୍କୁଲ ପରେ ପିପିଲି ବଜାର ନିକଟରେ ଥିବା ପିପିଲି ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ମୋ ସ୍କୁଲ ଅଭିଯାନର ଅଧକ୍ଷା ସୁସ୍ମିତା ବାଗ୍‌ଚୀ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ମୋ ସ୍କୁଲ ଅଭିଯାନ ସହକାରୀ ଶାନ୍ତା ଦାଶ, ପିପିଲି ବ୍ଲକ ଶିକ୍ଷାଧିକାରୀ ବେଣୁଧର ଜାଲି, ବ୍ଲକ ସହ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ୟୁଜିୟୁପି ସ୍କୁଲ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସ୍କୁଲର ଉନ୍ନତି ସମ୍ପର୍କରେ ବୁଝିଥିଲେ। ପରେ ଏହି ଟିମ ପିପିଲି ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ପରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ସଭାରେ ସ୍କୁଲର ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ରଙ୍କ ମଧ୍ୟରୁ ଛାତ୍ରୀ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ସୁବୁଦ୍ଧି ୧୦ ହଜାର ଟଙ୍କାର ଚେକ ମୋ ସ୍କୁଲ ଅଭିଯାନକୁ ପ୍ରଦାନ କରିବା ସହ ଏହି ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା ପାଇଁ ଅଧକ୍ଷା ବାଗ୍‌ଚୀଙ୍କୁ ଅନୁରୋଧ କରିଥିଲେ। ପରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସା ପତ୍ରକୁ ଅଧକ୍ଷା ବାଗ୍‌ଚୀ ପୁରାତନ ଛାତ୍ରୀଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ସଭାରେ ପୁରାତନ ଛାତ୍ର ସଭାପତି ଶଶାଙ୍କ ଶେଖର ମହାନ୍ତି, ଦିବାକର ଷଡ଼ଙ୍ଗୀ, ପ୍ରିୟବ୍ରତ ସାମନ୍ତରାୟଙ୍କ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ବିଦ୍ୟାଳୟର ଶିକ୍ଷକ ତଥା ପୁରାତନ ଛାତ୍ର ବିନୋଦ ପ୍ରମାଣିକ ପରିଚାଳନା କରିଥିବାବେଳେ ବିକ୍ରମ ରଥ ଧନ୍ୟବାଦ ଦେଇଥିଲେ।

## ସହର ଖବର

### ଗ୍ରୀଷ୍ମପ୍ରବାହକୁ ନେଇ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୧୦।୩:** ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲାସ୍ତରୀୟ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ଜିଲା ପ୍ରଶାସନର କାର୍ଯ୍ୟକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୋଗଦେଇଥିବା ବେଳେ ବ୍ଲକସ୍ତରୀୟ କର୍ତ୍ତୃପକ୍ଷମାନେ ଭର୍ଚୁଆଲରେ ଯୋଗଦେଇଛନ୍ତି। ଗ୍ରୀଷ୍ମପ୍ରବାହ ପ୍ରଭାବରୁ ରକ୍ଷା ପାଇଁ କ'ଣ ପଦକ୍ଷେପ ନେଇହେବ ସେନେଇ ଆଲୋଚନା ହୋଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପୁରୀ ମ୍ୟୁନିସିପାଲିଟି, ଜିଲା ଜରୁରିକାଳୀନ ଅଫିସର, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

### ମିଶନ ଶକ୍ତି ସମ୍ପର୍କିତ ସମୀକ୍ଷା ବୈଠକ

**ପୁରୀ ଅଫିସ,୧୦।୩:** ମିଶନଶକ୍ତି ନିର୍ଦ୍ଦେଶିତା ସୁଜାତା କାର୍ତ୍ତିକେୟନ୍ ବୁଧବାର ପୁରୀ ଗସ୍ତ କରି ମିଶନ ଶକ୍ତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦର୍ଶନ ଗୃହ କକ୍ଷରେ ଏନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ସମର୍ଥ ବର୍ମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ପୃଥକ ବିଭାଗ ହେବା ପରେ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକ୍, ପଞ୍ଚାୟତ ଓ ୱାର୍ଡ ସ୍ତରରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ। ଏଥିସହିତ କାର୍ଯ୍ୟକ୍ଷମ ନ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କାର୍ତ୍ତିକେୟନ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ୍‌ସ୍ତରରେ ଅଧିକାରୀମାନେ ମିଶନ ଶକ୍ତିର କାର୍ଯ୍ୟକ୍ରମକୁ କିଭଳି ତତ୍ତ୍ୱାବଧାନ କରୁଛନ୍ତି ସେନେଇ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି।

### ଭାଜପା ରାଜ୍ୟ ସଭାପତିଙ୍କ ପୁରୀ ଗସ୍ତ

**ପୁରୀ ଅଫିସ,୧୦।୩:** ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପୁରୀ ଗସ୍ତ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହାପରେ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଛନ୍ତି। ତେବେ କେତେ ଅର୍ଥ ଦାନ କଲେ ସେନେଇ ସୂଚନା ଦେବାକୁ ମହାନ୍ତି ମନା କରିଛନ୍ତି। ଅନ୍ୟପକ୍ଷରେ ପୁରୀ ବିକାଶ କାର୍ଯ୍ୟକୁ ସ୍ୱାଗତ କରିଥିବା ବେଳେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନରେ ଅଧିକ ସ୍ୱଚ୍ଛତା ଆସିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ବଢ଼ିଚାଲିଛି କାଠ ଚୋରି

ବ୍ରହ୍ମଗିରି,୧୦।୩(ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜର ବନ ସୁରକ୍ଷା ସମିତି ଅଧୀନରେ ରହିଛି ସଂରକ୍ଷିତ ଜଙ୍ଗଲ। ଏହି ଜଙ୍ଗଲରୁ ମାଫିଆମାନେ ନିର୍ବିଘ୍ନରେ କାଠ ଲୁଟି ଚାଲିଥିବାରୁ ଜଙ୍ଗଲ ନଷ୍ଟ ହେବା ସହ ରାଜସ୍ୱ ହାନି ହେଉଛି। ଅନ୍ୟପଟେ ଏଥିପ୍ରତି ବନ ବିଭାଗ ନୀରବ ସାଜିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ରେଞ୍ଜ ଅଧୀନରେ ରହିଛି ଏକ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ବନ ସୁରକ୍ଷା ସମିତି(ଭିଏସ୍ଏସ୍) ଜଙ୍ଗଲ। ଏହି ଜଙ୍ଗଲ ଫନୀ ବାତ୍ୟାରେ ୨ ବର୍ଷହେଲା ଭାଙ୍ଗିପଡ଼ିଛି। ବନ ବିଭାଗ ସ୍ଥାନୀୟ ଭିଏସ୍ଏସ ସହାୟତାରେ ଏହାକୁ କାଟି ବିକ୍ରି କରିବା କଥା। କାଠ କଟା ନ ହେବାରୁ ୨ ବର୍ଷ ଧରି ଜଙ୍ଗଲରେ କାଠ ପଡ଼ିରହିଥିଲେ ମଧ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ମାଫିଆମାନେ ଏହାର ସୁଯୋଗ ନେଇ ଜଙ୍ଗଲରୁ କାଠ ଲୁଟ କରି ବିକ୍ରି କରି ଚାଲିଛନ୍ତି। ଶୁଖିଲା କାଠ ସହ କଞ୍ଚା କାଠକୁ ମଧ ପଦା କରିଦେଉଛନ୍ତି। ସାହାଜନାପୁର ଭିଏସଏସ ନିକଟସ୍ଥ ସାହାଜାନପୁର କୋଷ୍ଟାଲ ବିଟର ୫୦ ଏକର ସଂରକ୍ଷିତ ଜଙ୍ଗଲରୁ କାଠମାଫିଆମାନେ ଟନ ଟନ କାଠ କାଟି ବୋହି ଚାଲିଛନ୍ତି। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି। ଏ ସମ୍ପର୍କରେ ପୁରୀ ଡିଏଫଓ ପି. ରାମସ୍ୱାମୀ କହିଛନ୍ତି, କିଛିଦିନ ହେବ ସେଠାରୁ କାଠ କଟା ବନ୍ଦ କରାଯିବା ସହ କଟା କାଠକୁ ଆମେ ସିଜ୍ କରିଛୁ।

# ସୁରେନ୍ଦ୍ରମଣି ସଭାପତି, କୁବେର ସମ୍ପାଦକ

ବାଙ୍କୀ,୧୦।୩(ସ୍ୱ.ପ୍ର.)

ବାଙ୍କୀ ରୁଚିକା ହାଟଠାରେ ଏନ୍ଏସିର ଠିକା କର୍ମଚାରୀମାନଙ୍କର ଏକ ବୈଠକ ସୌମେନ୍ଦ୍ର ମିଶ୍ର ଓ ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ବୁଧବାର ହୋଇଥିଲ। ଏଥିରେ ଠିକା କର୍ମଚାରୀମାନେ ଏକତ୍ରିତ ହୋଇ ଏକ ସଂଘ ଗଠନ କରିବା ସହ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସୁରେନ୍ଦ୍ରମଣି ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବାବୁଲି ନାୟକ କାର୍ଯ୍ୟକାରୀ ସଭାପତି, ମନୋରଞ୍ଜନ ବେହେରା ଉପସଭାପତି, କୁବେର ମହାନ୍ତି ସମ୍ପାଦକ, ପ୍ରଶାନ୍ତ ନାୟକ ସହସମ୍ପାଦକ, କୋଷାଧ୍ୟକ୍ଷ ଶ୍ରୀନିବାସ ବେହେରା ନିର୍ବାଚିତ ହୋଇଛନ୍ତି। ପରିଚାଳନା କମିଟିରେ ଗୌରୀ ନାଏକ, ସୁବାସ ଚନ୍ଦ୍ର ବେହେରା, ଜୟନ୍ତ ସ୍ୱାଇଁ, ପ୍ରକାଶ ନାୟକ, ବିଧାନ ବେହେରା, ସୁରେଶ ଚନ୍ଦ୍ର ମନ୍ତ୍ରୀ ଓ ବାସୁଦେବ ପୃଷ୍ଟି ରହିଛନ୍ତି। ଉପଦେଷ୍ଟା ଭାବେ ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର , ସନାତନ ବେହେରା, ଗୌତମ ମିଶ୍ର, ବିକଳ ଗୋଚ୍ଛି ପ୍ରମୁଖ ମନୋନୀତ ହୋଇଛନ୍ତି।


ପୁରୀର ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ କଳାକୃତି।



ପୁରୀ ବେଳାଭୂମିରେ ଜାଗର ଉପଲକ୍ଷେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।


ସୂର୍ଯ୍ୟକାନ୍ତ ଦାସଙ୍କ ଦ୍ୱାରା ଖବରକାଗଜରେ ନିର୍ମିତ ଶିବଲିଙ୍ଗ।

**୨୦୫ ୟୁନିଟ୍ ରକ୍ତ ସଂଗ୍ରହ**

**କଟକ ଅଫିସ:** ତୁଳସୀପୁର ମଠସାହିସ୍ଥିତ ରାମକୃଷ୍ଣ ଭବନଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ୨୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ମଧୁସୂଦନ ସାହୁ, ଧର୍ମେଶ ନାୟକ, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ନମିତା ବାରିକ, ରମ୍‌ଜାନ ଖାଁ, ଏକ୍ରମ ହୁସେନ, ମନୋଜିତ ଦାସ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

## ନିଆଁରେ ପୋଡ଼ିହୋଇ ଆଶାକର୍ମୀଙ୍କ ମୃତ୍ୟୁ

**ଯାଁଳା,୧୦।୩(ଡି.ଏନ୍.ଏ.):** ଡିବିରି ନିଆଁରେ ପୋଡ଼ି ହୋଇ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ଜଣେ ଆଶାକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅଧୀନ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ବିଶ୍ୱଜିତ ପରିଡ଼ାଙ୍କ ସ୍ତ୍ରୀ ପ୍ରଜ୍ଞା ଭାରତୀ(୨୩)। ସୂଚନା ମୁତାବକ, ଗତ ୨ତାରିଖ ରାତିରେ ପ୍ରଜ୍ଞା ଘରେ କୌଣସି କାମ କରୁଥିବା ବେଳେ ଏକ ଡିବିରିରୁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଶରୀରର ପ୍ରାୟ ୮୦% ପୋଡ଼ି ଯାଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଜମିବାଡ଼ିକୁ କେନ୍ଦ୍ରକରି ମାରପିଟ

**ନିରାକାରପୁର,୧୦।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଜଗତପୁର ମୌଜାରେ ଜମିବାଡ଼ିକୁ କେନ୍ଦ୍ରକରି ବୁଧବାର ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଗତପୁର ମୌଜାରେ ପ୍ରଭାତୀ ନାୟକଙ୍କ ଘର ଅଂଶୀଦାରଙ୍କଠାରୁ ବୈରାଗୀ ବାରିକଙ୍କ ପରିବାର ଜାଗା କିଣି ରହିଆସୁଛନ୍ତି। ତେବେ କିଛି ଜାଗାକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ପୂର୍ବରୁ ଝଗଡା ହେଉଥିବା ବେଳେ ବୁଧବାର ମାରପିଟ ହୋଇଛନ୍ତି। ପ୍ରଭାତୀଙ୍କ ଅଭିଯୋଗକ୍ରମେ ଥାନାରେ ୯ଜଣଙ୍କ ନାମରେ ଏକ ମାମଲା (ନଂ.୪୭/୨୧)ରୁଜୁ ହୋଇଛି। ଅନ୍ୟପଟେ ବୈରାଗୀଙ୍କ ଅଭିଯୋଗକ୍ରମେ ୧୪ ଜଣଙ୍କ ନାମରେ ଏକ ମାମଲା (ନଂ.୪୮/୨୧)ରୁଜୁ ହୋଇଛି। ତେବେ ଉଭୟ ପକ୍ଷ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

## ଫୁଟ୍‌ବଲ: ସେମିରେ ୭୮୬ କ୍ଲବ

**ବେଗୁନିଆ,୧୦।୩(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଖେଳପଡିଆରେ ଚାଲିଥିବା ୩୫ତମ ଆଥ୍‌ଲେଟିକ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ପୁରୀର ନୀଳଚକ୍ର କ୍ଲବକୁ ପରାସ୍ତ କରି ନୟାଗଡ଼ର ୭୮୬ କ୍ଲବ ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ନୀଳଚକ୍ର କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୭୮୬ କ୍ଲବ ମଧ ଗୋଟିଏ ଗୋଲ ଦେଇଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ୭୮୬ କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଫୁଲ୍ଲ ବେହେରା, ସକାବତ ଅଲି ଖାନ୍, ବିଦେଶୀ ନାଏକ ଏବଂ ଯୁଧିଷ୍ଠିର ବେହେରା ମ୍ୟାଚ ପରିଚାଳନା କରିଥିଲେ। ବେଗୁନିଆ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ପାର୍ଥ ସାରଥି ରାଉତ ଏବଂ ୟୁକୋ ବ୍ୟାଙ୍କ ପରିଚାଳକ ସତ୍ୟ କର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## କଣାସ ବଡ଼ମଠରେ କାଶୀ ଧାମର ସାଧୁସନ୍ଥ

**କଣାସ,୧୦।୩(ସ୍ୱ.ପ୍ର.):** ଉତ୍କଳୀୟ ମଠ ସଂସ୍କୃତି ମଧ୍ୟରେ କଣାସ ବଡ଼ମଠର ଐତିହ୍ୟ ଓ ସଂସ୍କୃତି ଓଡ଼ିଶାରେ ଅନନ୍ୟ। ଏହି ମଠ ଖଇରାତି ମଠ ଭାବେ ଜଣାଶୁଣା। ପୂର୍ବେ ପୁରୀ ଧାମରେ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ସାଧୁସନ୍ଥ ଏବଂ ନାଗା ସନ୍ନ୍ୟାସୀମାନେ ଏହି ମଠରେ ବିଶ୍ରାମ ନେଉଥାଆନ୍ତି। ତେବେ ଏହି ପ୍ରଥା ଅନେକ କାଳରୁ ବନ୍ଦ ହୋଇଯାଇଥିଲେ ମଧ ସମ୍ପ୍ରତି ତାହାର ପୁନରାବୃତ୍ତି ଘଟିଥିବାର ଦେଖିବାକୁ ମିଳିଛି। ମଙ୍ଗଳବାରଠାରୁ କାଶୀସ୍ଥିତ ଜୁନାଆଖଡ଼ାର ୧୫ଜଣ ସାଧୁସନ୍ଥ ଶ୍ରୀଜଗନ୍ନାଥ ଦର୍ଶନରେ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ସନ୍ଧ୍ୟାରେ କଣାସ ବଡ଼ମଠରେ ପହଞ୍ଚି ରାତ୍ରିଯାପନ କରିଥିଲେ। କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଉକ୍ତ ସାଧୁସନ୍ଥମାନଙ୍କୁ ଆଦର ଅର୍ଘ୍ୟଥନା କରିବା ସହ ଆତିଥେୟ ପ୍ରଦାନ କରିଥିଲେ। ସାଧୁସନ୍ଥମାନେ ଏଠାରେ ଅବସ୍ଥାନ କରିବା ସଙ୍ଗେ ସଙ୍ଗେ ଧର୍ମ ସମ୍ବନ୍ଧୀୟ ଆଲୋଚନା କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

**ଖୋର୍ଦ୍ଧା ଅଫିସ,୧୦।୩**

- ସୋରଣ ସରପଞ୍ଚଙ୍କ ଅଗୋଚରରେ ଚାଲିଛି କାମ
- ମିଳିମିଶି ଲକ୍ଷାଧିକ ଟଙ୍କା ଟଲୁ କରିଛନ୍ତି
- ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ)ରେ ଅଧିକ ଶ୍ରମ ଦିବସ ସୃଷ୍ଟି ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ତ୍ୱରାନ୍ୱିତ ଲାଗି ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମଧ୍ୟ ଗୁରୁତ୍ୱ ଦେଇଥିଲେ। ତେବେ ଚିଲିକା ବ୍ଲକ ସୋରଣ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବୁଧବାର ସରପଞ୍ଚ ସୁଜତା ବିଶ୍ୱାଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିନା ଶ୍ରମିକରେ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରି ସରପଞ୍ଚଙ୍କ ଅଗୋଚରରେ ଜିଆରଏସ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନେ ଫଲ୍‌ସ ମଷ୍ଟର ରୋଲ ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ହରିଲୁଟ୍ କରିଛନ୍ତି। ଏଥିରେ ବ୍ଲକ ପ୍ରଶାସନର କେତେଜଣ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ଯୋଜନାରେ ଦୁର୍ନୀତି ହୋଇଥିବା ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସରେ ପଞ୍ଚାୟତରେ କେଉଁଠି କାମ ହେଉଛି, କ'ଣ କାମ ହେଉଛି, ସେ ସମ୍ପର୍କରେ ମୋ ଜାଣତରେ କାମ କରାଯାଇଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିଛନ୍ତି। ଏହି ଘଟଣାର ତଦନ୍ତ କରାଗଲେ, ବହୁ ତଥ୍ୟ ପଦାକୁ ଆସିବ ବୋଲି ସେ ଦାବି କରିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଛନ୍ତି, ସରପଞ୍ଚ ବିଶ୍ୱାଳ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପିଡି ଡିଆରଡିଏଙ୍କ ସହ ଆଲୋଚନା କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ବିଶ୍ୱାଳ ଅନ୍ୟ ଏକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ପଞ୍ଚାୟତରେ ନବ ନିଯୁକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀର୍ଘ ୫ମାସ ହେବ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଫଳରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଚିଲିକା ବିଡିଓଙ୍କୁ ଜଣାଇବା ସତ୍ତ୍ୱେ ସେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି।



ପେଟ୍ରୋଲ, ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିଆଇଟିୟୁ ପକ୍ଷରୁ ବୁଧବାର ପୁରୀ ବଡ଼ଦାଣ୍ଡ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଟକଣାରେ ପାଳନ ହେବ ମହାଶିବରାତ୍ରି

**ଖୋର୍ଦ୍ଧା ଅଫିସ,୧୦।୩**

କୋଭିଡ୍ କଟକଣାରେ ପାଳନ ହେବ ଜାଗର ଯାତ୍ରା ତଥା ମହାଶିବରାତ୍ରି। ଏନେଇ ବୁଧବାର ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଉପଖଣ୍ଡ ଅଞ୍ଚଳରେ ଥିବା ମନ୍ଦିର କମିଟିଙ୍କୁ ନୋଟିସ ଜାରି କରିଛନ୍ତି। ଜାଗର ପାଇଁ ଶୈବପୀଠଗୁଡ଼ିକରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତଙ୍କ ଦର୍ଶନ ସମୟରେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ କରିବାକୁ ଉପଜିଲାପାଳ ବେହୁରିଆ ନିର୍ଦ୍ଦେଶ ଦେଇଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଭକ୍ତମାନେ ମନ୍ଦିର ପ୍ରବେଶ ସମୟରେ ମାସ୍କ ପରିଧାନ, ସାନିଟାଇଜ୍ ଏବଂ ପରସ୍ପରଠାରୁ ସାମାଜିକ ଦୂରତା ରକ୍ଷା କରିବେ। ଏଥିଲାଗି ମନ୍ଦିର ପରିଚାଳନା କମିଟି ସ୍ୱତନ୍ତ୍ର ଦୃଷ୍ଟି ଦେବେ। ଭକ୍ତଙ୍କ ଦୃଷ୍ଟିଗୋଚର ହେଲା ଭଳି କୋଭିଡ ସଚେତନତା ପୋଷ୍ଟର ମନ୍ଦିର ପ୍ରବେଶ ପଥରେ ଲାଗିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟାରିକେଡ ବ୍ୟବସ୍ଥା କରିବେ। ଭକ୍ତମାନେ ବ୍ୟାରିକେଡ ଦେଇ ମନ୍ଦିରକୁ ପ୍ରବେଶ କରିବେ। ମନ୍ଦିର ଭିତର ଏବଂ ବାହାର ବେଢ଼ାରେ ଏକାଠି ହେବେ ନାହିଁ। ୬୦ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୨ବର୍ଷରୁ କମ୍ ଶିଶୁଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। ଭକ୍ତମାନେ ଦୀପ ନେଇ ମନ୍ଦିରକୁ ଯିବେ ନାହିଁ। ମନ୍ଦିର ନିକଟରେ କୌଣସି ଦୋକାନ,ବଜାର ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ସର୍ବାଧିକ ୫୦୦ ଭକ୍ତ ମନ୍ଦିର ବାହାର ବେଢ଼ା ପରସ୍ପର ଠାରୁ ୬ମିଟର ଦୂରତା ରଖି ଜାଗର ଦୀପ ଜାଳିବାକୁ ଅନୁମତି ଦିଆଯାଇଛି। ମହାଦୀପ ଉଠିବା ସମୟରେ ସାମାଜିକ ଦୂରତା ରକ୍ଷା କରି ଦର୍ଶନ କରିବେ। ମନ୍ଦିର ପରିସର ଏବଂ ବାହାରେ ପାନଛେପ, ଗୁଟ୍‌ଖା ବାରଣ କରାଯାଇଛି। ବିଡିଓ, ତହସିଲଦାର, ପୌର ଓ ଏନ୍‌ଏସି ନିର୍ବାହୀ ଅଧିକାରୀ, ସ୍ଥାନୀୟ ପୋଲିସ ପ୍ରଶାସନ କୋଭିଡ କଟକଣା ଯାଞ୍ଚ କରିବେ। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି।

### ରାତି ୧୧ଟାରେ ଉଠିବ ମହାଦୀପ

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ୩ଟାରେ ଦ୍ୱାରଫିଟା, ସମସ୍ତ ଦେବନୀତି ପରେ ଭୋର ୪ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ୧୨ଟାରେ ମଧ୍ୟାହ୍ନ ଧୂପ, ରାତି ୧୦ଟାରେ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିବ ବୋଲି ପରିଚାଳନା କମିଟିର ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ନୀତିକାନ୍ତି ସମାପନ କରାଯିବ ବୋଲି ସାହୁ କହିଛନ୍ତି।

## ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

**ନିରାକାରପୁର,୧୦।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାରେ ଦିନକୁଦିନ ହାତୀ ଆତଙ୍କ ବଢ଼ିବାରେ ଲାଗିଛି। ବୁଧବାର ଟାଙ୍ଗୀ ବନାଞ୍ଚଳ ଲେଣ୍ଡୋ ପଞ୍ଚାୟତ ଆସେଲି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ବୀର ସାହୁ(୭୫) ଓ ତାଙ୍କ ସ୍ତ୍ରୀ ହୀରାଦେଈ(୬୮)। ଚିକିତ୍ସା ପାଇଁ ଉଭୟଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବୀର ଓ ତାଙ୍କ ସ୍ତ୍ରୀ ବିଲରେ କୁଡ଼ିଆ କରି ମୁଗ ଫସଲ ଜଗିଥିବା ବେଳେ ହଠାତ୍ ଏକ ଜଙ୍ଗଲୀ ହାତୀ ଗ୍ରାମରେ ପଶି ଗଛ ଭାଙ୍ଗିବା ପରେ ବିଲରେ ପହଞ୍ଚି ଉକ୍ତ କୁଡିଆକୁ ଭାଙ୍ଗି ଦେଇଥିଲା। ଫଳରେ ବୀରଙ୍କ ଛାତିରେ ଏକ ବାଉଁଶପାତିଆ ପଶିଯାଇଥିବା ବେଳେ ହୀରାଙ୍କ ଆଖିପତା ଫାଟି ଯାଇଥିଲା। ପରେ ହାତିଟି ପଳାଇ ଯାଇଥିଲା। ଦମ୍ପତିଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ଭୁଷଣ୍ଡପୁର ଫରେଷ୍ଟରଙ୍କ ସମେତ ବନ କର୍ମଚାରୀମାନେ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ଗୁରୁତର ଦ୍ୱୟ ଚିକିତ୍ସା ହେଉଥିବା ମେଡିକାଲରେ ପହଞ୍ଚିଥିଲେ। ଏନେଇ ଫରେଷ୍ଟର ସିଧୁ ଚରଣ ସିଂ କହିଛନ୍ତି, ତଦନ୍ତ କରାଯାଇ ସରକାରୀ ନିୟମ ଅନୁସାରେ ପଦକ୍ଷେପ ନିଆଯିବ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଦମ୍ପତି ସୁସ୍ଥ ଥିବା ଜଣାପଡ଼ିଛି।

## ସିରିଜ୍ ଦୁର୍ଘଟଣା, ଚାଳକ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୧୦।୩**

୧୬ନଂ. ଜାତୀୟ ରାଜପଥ କନ୍ଧନୟାଗଡ଼ ବାଇପାସ ନିକଟରେ ସିରିଜ ଦୁର୍ଘଟଣାରେ ମିନିଟ୍ରକ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ କନ୍ଧନୟାଗଡ଼ ବାଇପାସରେ ରାସ୍ତା ପାର୍ଶ୍ୱରେ ଏକ ଛିଡ଼ା ହୋଇଥିବା ଟ୍ୟାଙ୍କର ପଛରେ ଟ୍ରେଲର ପିଟି ହୋଇଯାଇଥିଲା। ଏଣୁ ପଛରେ ଆସୁଥିବା ମିନିଟ୍ରକ ଚାଳକ ଭାରସାମ୍ୟ ହରାଇ ଟ୍ରେଲର ପଛରେ ପିଟିଦେଇଥିଲେ। ଦୁର୍ଘଟଣାରେ ଦୁଇଟି ଗାଡ଼ି ଭାଙ୍ଗିଯାଇଥିବା ବେଳେ ମିନିଟ୍ରକ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଚାନ୍ଦପୁର ପୋଲିସ ପହଞ୍ଚି ୩ଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ବିହନ ପିଣ୍ଡୁଳାରେ ଓଁ ନମଃ ଶିବାୟ


ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ଦ୍ୱାରା ବିହନ ପିଣ୍ଡୁଳାରେ ପ୍ରସ୍ତୁତ ଓଁ ନମଃ ଶିବାୟ।

**ପୁରୁଣା ଭୁବନେଶ୍ୱର,୧୦।୩**

ଗୁରୁବାର ମହାଶିବରାତ୍ରି। ପ୍ରତ୍ୟେକ ଶୈବପୀଠ ଉତ୍ସବମୁଖର ଓ ଚଳଚଞ୍ଚଳ। ନିଷ୍ଠାର ସହ ଶିବଙ୍କ ଆରାଧନା କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଲୋକକଥା ରହିଛି। ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ କଲୋନୀରେ ରହୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ପରିବେଶ ଉପଯୋଗୀ ବିହନ ପିଣ୍ଡୁଳା ଓ ରଙ୍ଗ, ବେରଙ୍ଗ ମୁରୁଜରେ ଓଁ ନମଃ ଶିବାୟ ସ୍ଥାପନ କରିବା ସହ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ମାଟି, ଗୋବରଖତ, ବେଲ ମଞ୍ଜିରେ ପ୍ରସ୍ତୁତ ଏହି ବିହନ ପେଣ୍ଡୁଳା ଗୁଡ଼ିକୁ ସ୍ୱଳ୍ପ ଖର୍ଚ୍ଚ ଓ ସହଜରେ ବନୀକରଣ ହେଉଥିବାରୁ ମହାଶିବରାତ୍ରିରେ ଏହାକୁ ସଙ୍କଳ୍ପ ଭାବେ ଭକ୍ତ ଗ୍ରହଣ କରିବା ପାଇଁ ଜନସଚେତନତା କରାଇଛନ୍ତି। ବିହନ ପେଣ୍ଡୁଳାରେ ପ୍ରକୃତିକୁ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି।

## କାର କାଚ ଭାଙ୍ଗି ନେଇଗଲେ ୬ ଲକ୍ଷ

**ଜଟଣୀ,୧୦।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟରୁ ବୁଧବାର କେହି ଦୁର୍ବୃତ୍ତ କାର କାଚ ଭାଙ୍ଗି ପାଞ୍ଚଗାଁର ଦାଶରଥି ହରିଚନ୍ଦନଙ୍କ ୬ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୁରୁଣା ଭୁବନେଶ୍ୱର ଅଞ୍ଚଳର ଦିଲ୍ଲୀପ ପଣ୍ଡାଙ୍କୁ ଜମି ବିକ୍ରି କରିବା ପାଇଁ ବୁଧବାର ମଧ୍ୟାହ୍ନରେ ଦାଶରଥି ଜଟଣୀ ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ଦାଶରଥି ଶାଳକ ଯାଁଳା ଉତ୍ତର ମୁଣ୍ଡମୁହାଣ ଗ୍ରାମର ରାଜକିଶୋରଙ୍କୁ ଜମି କିଣିବାକୁ ଆସିଥିବା ଦିଲ୍ଲୀପଙ୍କଠାରୁ ୬ଲକ୍ଷ ଟଙ୍କା ନେବା ପାଇଁ କହିଥିଲେ। ପରେ ରାଜକିଶୋର ଦିଲ୍ଲୀପଙ୍କଠାରୁ ୬ଲକ୍ଷ ଟଙ୍କା ନେଇ କାରରେ ରଖି କୌଣସି କାମରେ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଭିତରକୁ ଆସିଥିଲେ। କିଛି ସମୟ ପରେ ରାଜକିଶୋର ଆସି ଦେଖିଲା ବେଳକୁ ତାଙ୍କ କାରର ଝରକା କାଚ ଭଙ୍ଗା ହୋଇଥିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ନିକଟରେ ଥିବା ସିସି କ୍ୟାମେରା ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି।

## ରାଇପଡ଼ାକୁ ହରାଇ କିଆପଲ୍ଲା ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୧୦।୩**

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ରୋହିତ ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଇପଡ଼ା ଟିମ୍‌କୁ ହରାଇ କିଆପଲ୍ଲା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅତିଥିଭାବେ ପୂର୍ବତନ ସରପଞ୍ଚ କୁବେର କଳସ, କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ କିଆପଲ୍ଲା ଟିମ୍‌ର ପପୁଙ୍କୁ ସମ୍ମାନିତ କରାଯାଇଥିଲା। ବଳରାମଦେବ ବିଦ୍ୟାପୀଠର ୨୦୧୮ ମାଟ୍ରିକ ବ୍ୟାଚ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ନନ୍ଦ କିଶୋର ସ୍ୱାଇଁ, ଏସ. କୁମାର ଛବି, ପ୍ରକାଶ ନାୟକ, ପପୁ ରାଉତ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ରାହୁଲ ଜେନା, ପ୍ରକାଶ ବେହେରା, ସଞ୍ଜୀବ ସାହୁ, ହିତାଂଶୁ ରାଉତ, ସୁକେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କୁଳବ୍ରାହ୍ମଣସାଇଲୋ-ସାଧୁଛକ ବ୍ରିଜ୍ ପାର୍ଶ୍ୱ ରାସ୍ତା ଦବୁଛି

**କଣ୍ଠାପଡା, ୧୦।୩(ଡି.ଏନ୍.ଏ.)**


ରାସ୍ତା ଦବିବା ସ୍ଥାନକୁ ଅବରୋଧ କରାଯାଇଛି।

କଟକ ଜିଲା କଣ୍ଠାପଡା ବ୍ଲକ ଅନ୍ତର୍ଗତ କନ୍ଦଳ ନଦୀର କୁଳବ୍ରାହ୍ମଣସାଇଲୋରୁ ସାଧୁଛକକୁ ସଂଯୋଗ କରୁଥିବା ବିଜୁସେତୁର ଗୋଟିଏ ପାର୍ଶ୍ୱ ଦବିବା ଆରମ୍ଭ ହୋଇଛି। ଉକ୍ତ ପୋଲକୁ ଯିବାବେଳେ ଗାଡି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସ୍ଥାନୀୟ ଲୋକେ ଉକ୍ତ ସ୍ଥାନରେ ପଥର ଓ ଡାଳରଖି ଯାତାୟାତ ନ କରିବା ପାଇଁ ଲୋକଙ୍କୁ ସତର୍କ କରାଇଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ସେତୁର କୂଳବ୍ରାହ୍ମଣସାଇଲୋକୁ ସଂଯୋଗ କରୁଥିବା ରାସ୍ତାରେ କିଛିଦିନ ତଳେ ଏକ ବଡ ଖାଲ ସୃଷ୍ଟି ହୋଇଥିଲା। ପରେ ଏହାର ମରାମତି ହୋଇଥିବାବେଳେ ପୁନଶ୍ଚ କିଛିଦିନ ହେଲା ସେତୁକୁ ସଂଯୋଗ କରୁଥିବା ରାସ୍ତା ଦବିଯାଇଛି। ଏ ସମ୍ପର୍କରେ କସର୍ଦ୍ଦା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଅଶୋକ ମହାପାତ୍ର କହିଛନ୍ତି, ରାସ୍ତା ଦବିବା ଖବର ମିଳିଛି। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ।

## ମାଲୁଦରେ ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଟିମ୍

**କୃଷ୍ଣପ୍ରସାଦ,୧୦।୩(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ମାଲୁଦରେ ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଟିମ୍ ପକ୍ଷରୁ ୩ଦିନ ଧରି ସ୍ୱାସ୍ଥ୍ୟ ପରୀକ୍ଷା, ପରିମଳ ଓ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ସ୍ୱାସ୍ଥ୍ୟ ସର୍ବେକ୍ଷଣ ଦଳର ମୁଖ୍ୟ ରୋହିତ କୁମାର ବିଶୋୟୀଙ୍କ ତତ୍ତ୍ୱାବଧାନରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମନୋରମା ଦେବୀ, ସୁପରଭାଇଜର ମାଗୁଣି ପ୍ରଧାନ, ଅଙ୍ଗନୱାଡି କର୍ମୀ ସଂଘମିତ୍ରା ଜେନା, ନମିତା ପଟ୍ଟନାୟକଙ୍କ ସମେତ ଏହି ଗ୍ରାମର ଆଶାକର୍ମୀ ଏବଂ ୩୧ ଅଙ୍ଗନୱାଡି କର୍ମୀ ଏଥିରେ ସହଯୋଗ କରିଥିଲେ। ସର୍ବେକ୍ଷଣ ଦଳର ସଭ୍ୟ ମନୋରଞ୍ଜନ ରାଉଳ, ପ୍ରିୟଦର୍ଶନୀ ବରାଳ, ଜ୍ୟୋତ୍ସ୍ନାରାଣୀ ବହୁପୂଜା, କଳ୍ପନା ଭୋଇ ପ୍ରମୁଖ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ସ୍ୱାଧୀନ ବେହେରା, ମନ୍ଦାକିନୀ ମଲ୍ଲିକ ଏହି ସର୍ଭେରେ ଚୟନ ହୋଇଥିବା ବେଳେ ୨୨ଟି ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଦଳ ମାଲୁଦରେ ପହଞ୍ଚିବା ପରେ ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ଶିକ୍ଷାବିତ୍ ପ୍ରଦୀପ ଦାସ, ଅକ୍ଷୟ ପଟ୍ଟନାୟକ, ଶ୍ରୀକାନ୍ତ ଜେନାଙ୍କ ନେତୃତ୍ୱରେ ସର୍ବେକ୍ଷଣ ଦଳକୁ ସମ୍ବର୍ଦ୍ଧନା ଦିଆଯାଇଥିଲା।


ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଟିମ୍‌ର ସଦସ୍ୟ ଓ ଅନ୍ୟମାନେ।

# ମଣ୍ଡିରୁ ଧାନ ଉଠାଇବା ଦାବିରେ ଚାଷୀଙ୍କ ଅନଶନ

**ବୋଲଗଡ଼,୧୦।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦଶ ପଞ୍ଚାୟତ ଗର୍ଭଣିପଡ଼ା ସେବା ସମବାୟ ସମିତି ମଣ୍ଡିରୁ ଧାନ ଉଠାଇବା ଦାବିରେ ବୁଧବାର ଚାଷୀମାନେ ସମିତି ଆଗରେ ଆମରଣ ଅନଶନରେ ବସିଛନ୍ତି। ଏହି ସମିତିରେ ପଞ୍ଜୀକରଣ କରିଥିବା ୧୧୦ ଚାଷୀଙ୍କର ପ୍ରାୟ ୪୫୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଜିଲାପାଳ ଏବଂ ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ସୁଫଳ ମିଳିଲା ନାହିଁ। ଫଳରେ ମଣ୍ଡିରେ ସେମାନଙ୍କର ଧାନ କ୍ରୟ କରାଯିବା ଦାବିରେ ଅନଶନରେ ବସିଛନ୍ତି। ଚାଷୀ ଲକ୍ଷ୍ମଣ ଭୋଳ, ବଂଶୀଧର କହଲସିଂହଙ୍କ ସମେତ ଅନ୍ୟମାନେ ଅନଶନରେ ବସିଛନ୍ତି। ଖବରପାଇ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନିର୍ଲୋଫର ଅଞ୍ଜୁମନ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏଥିସହ କଂଗ୍ରେସ ନେତା ପ୍ରଦୀପ ସାହୁ ଚାଷୀଙ୍କ ନିକଟରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଚାଷୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସମିତିରେ ଧାନ ବିକ୍ରି ପାଇଁ ୫୧୪ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଉକ୍ତ ମଣ୍ଡି ପାଇଁ ୨୧୫୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଧାର୍ଯ୍ୟ ଆକଳନ କରାଯାଇଥିଲା। ତେବେ ଏଯାବତ୍ ୪୦୪ ଚାଷୀଙ୍କଠାରୁ ପ୍ରାୟ ୧୬୫୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ବେଳେ ବଳକା ରହିଯାଇଥିବା ୧୧୦ ଚାଷୀଙ୍କ ଧାନ କିଣାଯାଇ ନାହିଁ। ତେବେ ଏହି ଚାଷୀଙ୍କଠାରୁ ମଣ୍ଡିରେ ଧାନ କିଣାଯିବାକୁ ଦାବିରେ ସେମାନେ ଅନଶନରେ ବସିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ଅନଶନ ସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।


ଗର୍ଭଣିପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଅନଶନରେ ବସିଛନ୍ତି।

